୬ ▸ ଦିଲ୍ଲୀ ଗସ୍ତ ସ୍କିପ୍ କଲେ ଧୋନୀ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା
The Sambad Kalika ™

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୯୪ ● ୫ ମଇ ୨୦୨୬ ମଙ୍ଗଳବାର ● ଭୁବନେଶ୍ୱର ● Vol -33 ● Issue-94 ● 5th May 2026, Tuesday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

## ବିଧାନସଭା ନିର୍ବାଚନ : ବିଜେପିର ଐତିହାସିକ ବିଜୟ

# ଆସାମ, ପଶ୍ଚିମବଙ୍ଗ, ପୁଡୁଚେରୀରେ ଫୁଟିଲା ପଦ୍ମ

| ପଶ୍ଚିମବଙ୍ଗ | ଆସାମ | ତାମିଲନାଡୁ | କେରଳମ୍ | ପୁଡୁଚେରୀ |
|---|---|---|---|---|
| ମୋଟ ଆସନ ସଂଖ୍ୟା = ୨୯୩ | ମୋଟ ଆସନ ସଂଖ୍ୟା = ୧୨୬ | ମୋଟ ଆସନ ସଂଖ୍ୟା = ୨୩୪ | ମୋଟ ଆସନ ସଂଖ୍ୟା = ୧୪୦ | ମୋଟ ଆସନ ସଂଖ୍ୟା = ୩୦ |
| ବିଜେପି = ୨୦୬ | ବିଜେପି = ୧୦୧ | ଡିଏମକେ = ୭୧ | ଏଲଡିଏଫ = ୩୫ | ଏନଆଇସି = ୧୭ |
| ତୃଣମୂଳ କଂଗ୍ରେସ = ୮୧ | କଂଗ୍ରେସ = ୨୨ | ଏଆଇଏଡିଏମକେ = ୫୧ | ୟୁଡିଏଫ = ୯୯ | କଂଗ୍ରେସ = ୦୮ |
| ଆନ୍ୟନ୍ୟ = ୦୬ | ଆନ୍ୟନ୍ୟ = ୦୩ | ଟିଭିକେ = ୧୧୧ | ବିଜେପି = ୦୩ | ଅନ୍ୟାନ୍ୟ = ୦୫ |

**ନୂଆଦିଲ୍ଲୀ,୪।୫**

ପାଞ୍ଚଟି ରାଜ୍ୟରେ ହୋଇଥିବା ବିଧାନସଭା ନିର୍ବାଚନର ଫଳାଫଳ ପ୍ରକାଶ ପାଇଛି। ଭାରତୀୟ ଜନତା ପାର୍ଟି ପଶ୍ଚିମବଙ୍ଗରେ ବିପୁଳ ଜନମତ ହାସଲ କରିବା ସହ ବିଜେପି ଖାତାରେ ଏହି ରାଜ୍ୟ ଯୋଡ଼ି ହୋଇଛି। ଆସାମ ଓ ପୁଡୁଚେରୀରେ ଭାଜପା ଓ ଏନଡିଏ ସରକାର ପୁନର୍ବାର କ୍ଷମତାକୁ ଫେରିଛି। ଦକ୍ଷିଣର ଦୁଇଟି ବଡ଼ ରାଜ୍ୟ କେରଳ ଓ ତାମିଲନାଡୁରେ କ୍ଷମତା ପରିବର୍ତ୍ତନ ହେବାକୁ ଯାଉଛି। କେରଳରେ ବାମଦଳକୁ ହଟାଇ କଂଗ୍ରେସ ନେତୃତ୍ୱାଧୀନ ମହାଗଠବନ୍ଧନ ୧୦ ବର୍ଷ ପରେ ପୁଣି ଫେରିଛି। ତାମିଲନାଡୁରେ ଗତ ବର୍ଷ ଗଠିତ ଅଭିନେତା ବିଜୟଙ୍କ ଦଳ ଟିଭିକେ ସବୁଠାରୁ ବଡ଼ ଦଳ ଭାବେ ଉଭା ହୋଇଛି।

ପଶ୍ଚିମବଙ୍ଗର ୨୯୩ଟି ସିଟ୍‌ରେ ବହୁମତ ପାଇଁ ୧୪୭ ସିଟ୍ ଆବଶ୍ୟକ। ଏଠାରେ ବିଜେପି ୨୦୬, ତୃଣମୂଳ କଂଗ୍ରେସ ୮୧, କଂଗ୍ରେସ ୨, ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି ୧ ଏବଂ ଅନ୍ୟମାନେ ୧ ସିଟ୍‌ରେ ଜିତିଛନ୍ତି କିମ୍ବା ଆଗରେ ଅଛନ୍ତି।



ବିଜେପିକୁ ୪୫.୭୫ ପ୍ରତିଶତ ଏବଂ ତୃଣମୂଳ କଂଗ୍ରେସକୁ ୪୦.୮୨ ପ୍ରତିଶତ ଭୋଟ ମିଳିଛି।

ଆସାମରେ ମୋଟ ଆସନ ୧୨୬ ରହିଛି ଏବଂ ବହୁମତ ପାଇଁ ୬୪ ସିଟ୍ ଆବଶ୍ୟକ। ବିଜେପି ନେତୃତ୍ୱାଧୀନ ମହାଗଠବନ୍ଧନ ୧୦୧ଟି ସିଟ୍‌ରେ ଜିତିଥିବା ବେଳେ କଂଗ୍ରେସ ୨୨ ଏବଂ ଅନ୍ୟାନ୍ୟ ଦଳ ୩ଟି ଆସନ ହାତେଇଛନ୍ତି। ବିଜେପିକୁ ୩୭.୯୧ ପ୍ରତିଶତ ଭୋଟ ଏବଂ ସହଯୋଗୀ ଦଳମାନଙ୍କୁ ମିଶାଇ ୪୮ ପ୍ରତିଶତରୁ ଅଧିକ ଭୋଟ ମିଳିଛି।

ତାମିଲନାଡୁରେ ୨୩୪ଟି ସିଟ୍‌ରେ ବହୁମତ ପାଇଁ ୧୧୮ ସିଟ୍ ଆବଶ୍ୟକ। ଏଠାରେ ଟିଭିକେ ୧୧୧, ଡିଏମକେ ୭୧, ଏଆଇଏଡିଏମକେ ୫୧ ଆସନରେ ଜିତିଛନ୍ତି। ଟିଭିକେକୁ ୩୪.୯୧ ପ୍ରତିଶତ, ଡିଏମକେକୁ ୨୪.୧୯ ପ୍ରତିଶତ, ଏଆଇଏଡିଏମକେକୁ ୨୧.୩୨ ପ୍ରତିଶତ ଭୋଟ ମିଳିଛି।

କେରଳରେ ମୋଟ ଆସନ ସଂଖ୍ୟା ୧୪୦ ରହିଥିବା ବେଳେ ଏଠାରେ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ ମେଣ୍ଟ ୯୯ ସିଟ୍‌ରେ ବିଜୟ ହାସଲ କରିଥିବା ବେଳେ ଏଲଡିଏଫ ୩୫ ଆସନରେ ଏବଂ ବିଜେପି ୩ଟି ଆସନରେ ବିଜୟ କିମ୍ବା ଆଗୁଆ ରହିଥିବା ଜଣାପଡ଼ିଛି।

ସେହିପରି କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀରେ ମୋଟ ଆସନ ସଂଖ୍ୟା ୩୦ ରହିଛି। ଏଠାରେ ଅଖିଳ ଭାରତୀୟ ଏନଆର କଂଗ୍ରେସ ନେତୃତ୍ୱାଧୀନ ମେଣ୍ଟ ୧୭ ସିଟ୍ ଜିତିଥିବା ବେଳେ ଏନଆର କଂଗ୍ରେସ ୮ଟି ଏବଂ ଅନ୍ୟାନ୍ୟ ଦଳ ୫ଟିରେ ବିଜୟ ହାସଲ କରିଥିବା ସୂଚନା ମିଳିଛି।

ବିଧାନସଭା ଉପନିର୍ବାଚନର ଫଳାଫଳ ମଧ୍ୟ ବିଜେପି ସପକ୍ଷରେ ଆସିଛି। ବିଜେପି ୭ରୁ ୪ଟି ସିଟ୍ ଜିତିଛି ଏବଂ ଗୋଟିଏ ସିଟ୍ ସହଯୋଗୀ ଦଳ ଜିତିଛି। କର୍ଣ୍ଣାଟକର ଦୁଇଟି ସିଟ୍ କଂଗ୍ରେସ (ପୃଷ୍ଠା ୭ରେ)

# ପଶ୍ଚିମବଙ୍ଗର ଜନତା ସ୍ୱପ୍ନକୁ ସଫଳ କରିବା ପାଇଁ ସୁଯୋଗ ଦେଇଛନ୍ତି

**ନୂଆଦିଲ୍ଲୀ,୪।୫**

ପଶ୍ଚିମବଙ୍ଗରେ ଐତିହାସିକ ବିଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିଲ୍ଲୀସ୍ଥିତ ବିଜେପିର ରାଷ୍ଟ୍ରୀୟ କାର୍ଯ୍ୟାଳୟରୁ କର୍ମକର୍ତ୍ତାଙ୍କୁ ସମ୍ବୋଧିତ କରିଛନ୍ତି। ପଶ୍ଚିମବଙ୍ଗରେ ନୂଆ ଯୁଗ ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି। ସେ କହିଛନ୍ତି ଏହି ଜନାଦେଶ କେବଳ କ୍ଷମତା ପରିବର୍ତ୍ତନ ପାଇଁ ନୁହେଁ, ବରଂ ଭୟମୁକ୍ତ ଏବଂ ବିକାଶ ଆଧାରିତ ପଶ୍ଚିମବଙ୍ଗ ଆଡ଼କୁ ବର୍ଦ୍ଧିତ ନିର୍ଣ୍ଣାୟକ ପଦକ୍ଷେପ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଡା. ଶ୍ୟାମ ପ୍ରସାଦ ମୁଖାର୍ଜୀଙ୍କ ସ୍ୱପ୍ନକୁ ମନେ ପକାଇ କହିଛନ୍ତି, ଆଜି ପଶ୍ଚିମବଙ୍ଗର ଜନତା ସ୍ୱପ୍ନକୁ ସଫଳ କରିବା ପାଇଁ ସୁଯୋଗ ଦେଇଛନ୍ତି। ପଶ୍ଚିମବଙ୍ଗରେ ଏବେ ନୂଆ ଯାତ୍ରାର ଆରମ୍ଭ ହେବ, ଯେଉଁଠି ବିକାଶ, ଭରସା ଏବଂ ନୂଆ ଆଶା ଜନ୍ମ ନେବ।

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ମହିଳାମାନଙ୍କୁ ସୁରକ୍ଷିତ ବାତାବରଣ ମିଳିବ। ଯୁବଗୋଷ୍ଠୀଙ୍କ ପାଇଁ ରୋଜଗାର ମିଳିବ। ରାଜ୍ୟର ବିକାଶ ପାଇଁ ବିଜେପି ସରକାର ପୂରା ଶକ୍ତି ଲଗାଇବ।



ପ୍ରଥମ କ୍ୟାବିନେଟ ବୈଠକରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରାଯିବା ନେଇ ନିଷ୍ପତ୍ତି ନିଆଯିବ।

ପଶ୍ଚିମବଙ୍ଗରେ ବିଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରିଛନ୍ତି। ସେ କହିଛନ୍ତି, ପଶ୍ଚିମବଙ୍ଗରେ ବିଜେପିର ଏହି ଐତିହାସିକ ବିଜୟ, (ପୃଷ୍ଠା ୭ରେ)




7001/19/2627



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ରବି ଧାନ ସଂଗ୍ରହ ବର୍ଷ ୨୦୨୫-୨୦୨୬

ଚଳିତ ରବି ଋତୁ (୨୦୨୫-୨୬) ପାଇଁ ରାଜ୍ୟ ସରକାର ପୂର୍ବ ବର୍ଷ ପରି ଚାଷୀମାନଙ୍କଠାରୁ ଧାନ କ୍ରୟ କରିବେ। ଏଥିପାଇଁ ଚାଷୀମାନେ ସେମାନଙ୍କ ଟୋକନ୍ ମୁତାବକ ନିର୍ଦ୍ଧାରିତ ତାରିଖରେ ଧାନକ୍ରୟ କେନ୍ଦ୍ର (PPC) କୁ ଧାନ ଆଣିବାକୁ ଅନୁରୋଧ।

## ଧାନ ସଂଗ୍ରହ ସମୟ - ୧ ମଇ ରୁ ୩୦ ଜୁନ୍ ୨୦୨୬



- ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ସହ ଇନ୍‌ପୁଟ୍ ସହାୟତା ବାବଦରେ ଚାଷୀମାନଙ୍କୁ ପ୍ରଦାନ କରାଯାଉଛି କ୍ୱିଣ୍ଟାଲ ପିଛା ୩,୧୦୦ ଟଙ୍କା
- ଧାନ ସଂଗ୍ରହର ୪୮ ଘଣ୍ଟା ମଧ୍ୟରେ ଚାଷୀମାନଙ୍କୁ ମିଳିବ ପ୍ରାପ୍ୟ

ଅଧିକ ବିବରଣୀ ପାଇଁ, ଦେୟମୁକ୍ତ ହେଲ୍ପଲାଇନ୍ ନମ୍ବର ୧୯୬୭ ରେ ଯୋଗାଯୋଗ କରନ୍ତୁ।

OIPR-7001/7007/2/26-27/0001

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ | ସମବାୟ ବିଭାଗ | କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର





# ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ:୮,୩୬୪ ପିଲା ମାଟ୍ରିକ୍ ପରୀକ୍ଷା କାହିଁକି ଦେଲେନି ରିପୋର୍ଟ ଦିଅ

**କଟକ, ନ୍ୟୁଜ୍ ବ୍ୟୁରୋ**

ବହୁ ଛାତ୍ରଛାତ୍ରୀ ଫର୍ମପୂରଣ କରି ବି ପରୀକ୍ଷା ଦେଇନାହାନ୍ତି। କିଏ ଗୋଟିଏ ବିଷୟରେ ପରୀକ୍ଷା ଦେଇଛି ତ ଆଉ କିଏ ଦୁଇଟି। ରାଜ୍ୟରେ ଚଳିତବର୍ଷ ଏହିଭଳି ଭାବେ ୮ ହଜାର ୩୬୪ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷାରେ ଅନୁପସ୍ଥିତ ଥିବା ଜଣାପଡ଼ିଛି। ସମ୍ପୃକ୍ତ ଛାତ୍ରଛାତ୍ରୀ କେଉଁଥିପାଇଁ ପରୀକ୍ଷା ଦେବାକୁ ଆସିଲେନାହିଁ ଏବଂ କ'ଣ ଅସୁବିଧା ରହିଲା ତାହା ଜାଣିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଗୁରୁତ୍ୱ ଦେଇଛି। ସବୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ କାରଣ ଖୋଜିବାକୁ କୁହାଯାଇଥିବାବେଳେ ଛାତ୍ରଛାତ୍ରୀଙ୍କୁ ସପ୍ଲିମେଣ୍ଟାରୀ ପରୀକ୍ଷା ଦେବାକୁ ସଚେତନ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ଅନୁପସ୍ଥିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ କେନ୍ଦୁଝରରେ ସର୍ବାଧିକ ୭୫୨ ଛାତ୍ରଛାତ୍ରୀ ରହିଥିବା ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଏନ୍. ତିରୁମାଲା ନାୟକ ସୂଚନା ଦେଇଛନ୍ତି। ରାଜ୍ୟରେ ଆସନ୍ତା ଜୁଲାଇ ପ୍ରଥମ ସପ୍ତାହରେ ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା ଅନୁଷ୍ଠିତ ହେବ। ଏଥିପାଇଁ ମେ ୮ ତାରିଖରୁ ୧୮ ଯାଏ ଫର୍ମପୂରଣ କରାଯିବ। ତେଣୁ ମାଟ୍ରିକ୍ ପରୀକ୍ଷା ଦେଇନଥିବା ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେବାକୁ ସଚେତନ କରାଯିବ। ରାଜ୍ୟରେ ଅନୁପସ୍ଥିତ ଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ କେନ୍ଦୁଝର ବ୍ୟତୀତ ମୟୂରଭଞ୍ଜରେ ୭୫୦ ଜଣ ରହିଛନ୍ତି। ସେହିଭଳି ବଲାଙ୍ଗିରରେ ୬୪୦, ବାଲେଶ୍ୱରରେ ୬୨୭, ଗଞ୍ଜାମରେ ୫୨୦, ଯାଜପୁରରେ ୪୫୯, କଳାହାଣ୍ଡିରେ ୩୮୦, ଭଦ୍ରକରେ ୩୭୨, ସୁନ୍ଦରଗଡ଼ରେ ୨୬୮, କଟକରେ ୨୬୬, କେନ୍ଦ୍ରାପଡ଼ାରେ ୨୬୦, ମାଲକାନଗିରିରେ ୨୫୫, ଢେଙ୍କାନାଳରେ ୨୪୬, ଖୋର୍ଦ୍ଧାରେ ୨୪୨, ରାୟଗଡ଼ା ୨୧୨, ନବରଙ୍ଗପୁର ୨୦୯, ନୂଆପଡ଼ାରେ ୧୮୪, ବରଗଡ଼ରେ ୧୭୫, କନ୍ଧମାଳରେ ୧୭୪, ପୁରୀରେ ୧୬୭, ନୟାଗଡ଼ରେ ୧୬୨, ଜଗତସିଂହପୁରରେ ୧୬୧, କୋରାପୁଟରେ ୧୪୪, ଅନୁଗୋଳରେ ୧୪୩, ଗଜପତିରେ ୧୩୪, ସୁବର୍ଣ୍ଣପୁର ୧୩୦, ସମ୍ବଲପୁରରେ ୧୦୭, ଝାରସୁଗୁଡ଼ାରେ ୯୦, ଦେବଗଡ଼ରେ ୬୭, ବୌଦ୍ଧରେ ୬୬ ପରୀକ୍ଷା ଦେଇନାହାନ୍ତି। ପୂର୍ବରୁ ଅନୁପସ୍ଥିତ ଛାତ୍ରଛାତ୍ରୀଙ୍କୁ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଚିନ୍ତା ବଢ଼ାଇଥିଲା। ଏନେଇ ବିଭାଗୀୟ ମନ୍ତ୍ରୀ ଶ୍ରୀ ଗଣ୍ଡଙ୍କ ସମେତ ସବୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ ହୋଇଥିଲା। ବୈଠକରେ କାହିଁକି ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଲେ ତାହା ତଥ୍ୟ ସଂଗ୍ରହ କରିବାକୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ କୁହାଯାଇଥିଲା। ତେବେ ଅଧିକରୁ ଅଧିକ ପିଲା କିଭଳି ସପ୍ଲିମେଣ୍ଟାରୀ କିମ୍ବା ଓଡ଼ିଶା ରାଜ୍ୟ ମୁକ୍ତ ବିଦ୍ୟାଳୟରେ ପରୀକ୍ଷା ଦେଇପାରିବେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି।



# ବ୍ରାଉନ୍ ସୁଗାର୍ ଜବତ:୩ କୋର୍ଟ ଚାଲାଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡାରେ ଶିକ୍ଷିତ ବେକାର ଯୁବକମାନେ ଦିନକୁ ଦିନ ନିଶା ଆଡକୁ ମୁହାଁଉଥିବା ବେଳେ ଚୋରା ମଦ, ବ୍ରାଉନ୍ ସୁଗାର୍ ଓ କଫ୍ ସିରପ୍ ଓ ଡେଣ୍ଡେଡାଇଟ୍ ଅଠା ବିକ୍ରିରେ ସମ୍ପୃକ୍ତ ହେଉଥିବା ଦେଖିବାକୁ ମିଳିଛି। କେନ୍ଦ୍ରାପଡା ଅବକାରୀ ବିଭାଗ ପକ୍ଷରୁ ଦୈନିକ ଚୋରାମଦ ସହିତ ବ୍ରାଉନ୍ ସୁଗାର ବ୍ୟବସାୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଉଛି। କେନ୍ଦ୍ରାପଡା ଟାଉନ୍‌ଥାନା ଅନ୍ତର୍ଗତ ବଳଗଣ୍ଡି ବଜାରରୁ ନିଖିଳ ଗୋଛାୟତଙ୍କ ନିକଟରୁ ୩୫ ଗ୍ରାମ୍ ବ୍ରାଉନ୍ ସୁଗାର୍ ଜବତ କରିଥିବାବେଳେ ପଟ୍ଟାମୁଣ୍ଡାଇ ଟାଉନ୍ ଥାନା ଅନ୍ତର୍ଗତ ପୋଖରୀପଡା ଓ ଦକ୍ଷିଣଦିଆ ସାହି ଅଞ୍ଚଳରୁ ରଞ୍ଜନ ବେହେରା ଓ ଆଶୀଷ କୁମାର ପାତ୍ରଙ୍କୁ ଗିରଫ କରାଯାଇ ତାଙ୍କ ପାଖରୁ ୮୦ ଗ୍ରାମ୍ ବ୍ରାଉନ୍ ସୁଗାର୍ ସହ ଏକ ସ୍କୁଟି ଜବତ କରାଯାଇଛି। ଏହି ବ୍ରାଉନ୍ ସୁଗାର୍‌ର ଆନୁମାନିକ ମୂଲ୍ୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଜଣାପଡିଛି। କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ୍ ଆର୍.ଆଇ.ଆର୍‌ଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ଉପନିରୀକ୍ଷକ ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ର, ଛାୟାକାନ୍ତ ନାୟକଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଶିବ ବିବାହ ପାଇଁ ଉଠିଲା ଲଗ୍ନ ଚିଟାଉ ଥାଳି

## ବାଜା, ବାଣ ରୋଷଣୀରେ କମ୍ପିଲା ଆଖଣ୍ଡଳମଣିଙ୍କ ପୀଠ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଆରଡିପୀଠ ବାବା ଆଖଣ୍ଡଳମଣିଙ୍କ ପ୍ରସିଦ୍ଧ ଶିବବିବାହ ଉତ୍ସବ ଆସନ୍ତା ଜୁନ୍ ୧୯ରେ ବୈଦିକ ରୀତିନୀତି ଓ ଲୋକାଚାର ଅନୁଯାୟୀ ଅନୁଷ୍ଠିତ ହେବ। ଏଥିପାଇଁ ବୈଶାଖ ମାସ ଶୁକ୍ଳପକ୍ଷ ନୃସିଂହ ଚତୁର୍ଦ୍ଦଶୀରେ ଅବସରରେ ବରପିତା ଓ କନ୍ୟାପିତା ଚୟନ ପ୍ରକ୍ରିୟା କାର୍ଯ୍ୟ ସମାପନ ହେବା ପରେ ଶୁକ୍ରବାର ପବିତ୍ର ଚନ୍ଦନ ପୂର୍ଣ୍ଣିମା ଅବସରରେ ଲଗ୍ନ ଚିଟାଉ ଥାଳି ଉଠା କାର୍ଯ୍ୟ ସମ୍ପନ୍ନ ହୋଇଛି । ଏହି ଅବସରରେ ବାବାଙ୍କ ମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେବାପରେ ଅପରାହ୍ନ ୪ଟାରେ ବାବାଙ୍କ ପାଖରୁ ଆଜ୍ଞାମାଳ ଆସିଥିଲା। ସେବାୟତମାନେ ଆଜ୍ଞାମାଳକୁ ଏକ ସୁସଜ୍ଜିତ ବିମାନରେ ବିଜେ କରାଇ ବରପିତା ଗଦାଧର ପାଢ଼ୀଙ୍କ ଘରେ ବିଜେ କରାଇବା ପରେ ବୈଦିକ ରୀତିନୀତି ଅନୁଯାୟୀ ବରପିତା ଗଦାଧର ପାଢ଼ୀଙ୍କ ଦାତା କେନ୍ଦ୍ରାପଡ଼ା ଜିଲ୍ଲା ବାଟିପଡା ନିବାସୀ ଅସିତ କୁମାର ସାହୁ ଓ ସୁମିତ୍ରା ସାହୁ କର୍ତ୍ତାଭାବେ କାର୍ଯ୍ୟ ତୁଲାଇବା ସହ ଜ୍ଞାତିକୁଟୁମ୍ବଙ୍କୁ ସାଥିରେ ନେଇ ସଂକିର୍ତ୍ତନ, ତେଲିଙ୍ଗିବାଜା, ମାଦଳ ବାଜା, ବାଣ-ରୋଷଣୀ ଆଦିରେ କନ୍ୟାପିତାଙ୍କ ଘରକୁ ଯାତ୍ରା କରିଥିଲେ। ଲଗ୍ନ ଚିଟାଉ ଥାଳି ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଆରଡି ପୀଠ ପରିକ୍ରମା କରିବା ପରେ କନ୍ୟାପିତା ଭାବେ ସେବାୟତ ବିଚିତ୍ର ପାଢୀ ଓ ତାଙ୍କ ଦାତା କେନ୍ଦୁଝର ନିବାସୀ ମାନସ ରଞ୍ଜନ ସାହୁ ଓ ତାଙ୍କ ପତ୍ନୀ ପ୍ରଣୟିନୀ ସାହୁଙ୍କ ପକ୍ଷରୁ ଆୟୋଜିତ ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲା। ସେଠାରେ ଶଙ୍ଖ ହୁଳହୁଳି ସହ ଲଗ୍ନ ଚିଟାଉ ଥାଳିକୁ ପାଛୋଟି ନେଇଥିଲେ କନ୍ୟାଘରର ଲୋକମାନେ। ସେଠାରେ ଉଭୟ ବରପକ୍ଷ ଓ କନ୍ୟାପକ୍ଷଙ୍କ ପକ୍ଷରୁ ଲୋକାଚାରରେ ବ୍ରାହ୍ମଣ ଓ ଜ୍ୟୋତିଷଙ୍କ ଦ୍ୱାରା ତାଳପତ୍ରରେ ଲେଖନି ଦ୍ୱାରା ଆସନ୍ତା ଜୁନ୍ ମାସ ୧୯ତାରିଖ କୃଷ୍ଣପକ୍ଷ ପଞ୍ଚମୀ ତିଥିରେ ଦେବଦମ୍ପତିଙ୍କ ବିବାହ ପାଇଁ ସମୟନିର୍ଘଣ୍ଟ ସ୍ଥିର କରଯାଇଥିବା ଲେଖାଯିବା ପରେ ସର୍ବସମ୍ମତିକ୍ରମେ ଜ୍ୟୋତିଷଙ୍କ ପାଠ କରାଯାଇଥିଲା। ପରେ ଉକ୍ତ ଲଗ୍ନ ଚିଟାଉ ଥାଳିକୁ କନ୍ୟାପିତା ବରପିତାଙ୍କୁ ସମର୍ପଣ କରିବା ପରେ ପୁର୍ନବାର ଘଣ୍ଟା କିର୍ତ୍ତନ ବାଦ୍ୟ ସହ ବରପିତାଙ୍କ ଘରେ ଜ୍ଞାତିକୁଟମ୍ବଙ୍କ ଗହଣରେ ଲଗ୍ନ ଚିଟାଉ ପାଠ କରାଯାଇଥିଲା। ପରେ ବରପିତା ଓ କନ୍ୟାପିତାଙ୍କ ଘରେ ଗୁଆ ମଙ୍ଗୁଳା ଯିବା ପରେ ଦେବାଦେବୀ ଓ ବନ୍ଧୁ ପରିଜନଙ୍କୁ ମଙ୍ଗୁଳା ଗୁଆ ଓ ନିମନ୍ତ୍ରଣପତ୍ର ବଣ୍ଟନ ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା । କାର୍ଯ୍ୟ ସୂଚାର ରୂପେ ସମ୍ପନ୍ନ ହେବା ପାଇଁ ଜିଲ୍ଲା ଓ ମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଥିବା ବେଳେ ଶୋଭାଯାତ୍ରାରେ ଜିଲ୍ଲା ଓ ସ୍ଥାନୀୟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଲଗ୍ନଥାଳ ଉଠା ଶୋଭାଯାତ୍ରାରେ ଅଗଣିତ ଭକ୍ତ ଓ ମନ୍ଦିରର ସେବାୟତ, ପ୍ରଶାସନିକ ଅଧିକାରୀ ପ୍ରମୁଖ ସାମିଲ ହୋଇଥିଲେ।




# ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ମହାନଦୀ ବଞ୍ଚାଅ ବିକ୍ଷୋଭ ପ୍ରଦର୍ଶନ ଓ ଦାବିପତ୍ର ପ୍ରଦାନ କରାଯାଇଥିଲା । ମହାନଦୀ ଟ୍ରିବ୍ୟୁନାଲରେ ଛତିଶଗଡ ଓ ଓଡ଼ିଶା ମଧ୍ୟରେ ଥିବା ବିବାଦର ଶୁଣାଣି ଥିବାବେଳେ ସାରା ରାଜ୍ୟରେ ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ୍ ଅଧକ୍ଷଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ବିବାଦର ଶୀଘ୍ର ସମାଧାନ ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି । ତାସହିତ ଅନ୍ତରୀଣ ଆଦେଶ ମାଧ୍ୟମରେ ଓଡ଼ିଶାର କୃଷି ଜଳସେଚନ ଓ ପାନୀୟ ଜଳ ପାଇଁ ଆବଶ୍ୟକ ଜଳ ଛାଡିବା ପାଇଁ ଛତିଶଗଡକୁ ନିର୍ଦ୍ଦେଶ ଦେବାକୁ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି । ଜିଲ୍ଲାପାଳଙ୍କ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ ଦାବିପତ୍ର ଗ୍ରହଣ କରିଥିଲେ । ଦାବିପତ୍ର ପ୍ରଦାନ ସମୟରେ ମହାନଦୀ ବଞ୍ଚାଅ ଆନ୍ଦୋଳନ, ବୌଦ୍ଧ ଜିଲ୍ଲାର ଆବାହକ ଶାନ୍ତନୁ କୁମାର ମହାପାତ୍ର, ସମରେଶ ମିଶ୍ର, ଉଦୟନାଥ ଶର୍ମା, ଅବକାଶ ସାହୁଙ୍କ ସମେତ ସଦସ୍ୟ ପଙ୍କଜ କୁମାର କର୍ଣ୍ଣ, ବୁଦ୍ଧଦେବ ପ୍ରଧାନ, ଅର୍ଜୁନ ମହାନନ୍ଦିଆ, ପୌଲସ୍ତି ପ୍ରଧାନ, ଭବାନୀ ଶଙ୍କର ବିଶ୍ୱାଳ, ରୋହିତାସ୍ୱ ବେହେରା ଓ ଅନ୍ୟମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ଶତାଧିକ ଏକର ସରକାରୀ ଜମି ମାଫିଆଙ୍କ କବ୍‌ଜାରେ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ନିକଟରେ ଖଲ୍ଲିକୋଟ ତହସିଲ ପରିସରଭୁକ୍ତ ରମ୍ଭା ରାଜସ୍ୱର ସାବିଳିଆ ମୌଜା ଅଧିନସ୍ଥ ତଥା ୧୬ନଂ ଜାତୀୟ ରାଜପଥ ଗୋଲାଗଣ୍ଡାପଲ୍ଲୀ ପାର୍ଶ୍ୱରେ ୧୦୦ ଏକର ଊର୍ଦ୍ଧ୍ୱ ସରକାରୀ ଅନାବାଦୀ ଜାଗା ମାଫିଆଙ୍କ କବ୍‌ଜାରେ ଜବର ଦଖଲ ହୋଇ ରହିଥିବା ନିର୍ଦ୍ଦିଷ୍ଟ ସମ୍ବାଦପତ୍ରରେ ପ୍ରକାଶିତ ହୋଇଥିଲା। ଏହା ବିଭ୍ରାନ୍ତିକର, ଉଦ୍ଦେଶ୍ୟ ମୂଳକ, ଅଜ୍ଞ ଜାଣି ସବୁ ବଖାଣିବା ଗଣମାଧ୍ୟମର ନୀତିନିୟମକୁ ଉପେକ୍ଷିତ କରିବା ସହିତ ସମାନ। ଜମି ମାଲିକ ପ୍ରକାଶିତ ତଥା ଉଲ୍ଲେଖିତ ପ୍ଲଟ୍ ନଂ ଗୁଡିକ ୩୬୦୯, ୩୬୧୦, ୩୬୧୧, ୩୬୨୧ ପଟ୍ଟା ରହିବା ସହିତ ୩୬୧୩, ୩୬୧୪, ୩୬୧୫, ୩୬୧୬ ଜବର ଦଖଲରେ ରହିଥିବାବେଳେ ୩୬୩୮, ୩୬୩୯, ୩୬୪୦, ୩୬୪୧, ୩୬୪୨, ୩୬୪୩, ୩୬୪୪, ୩୬୪୫ ମୃତ ଡି. ଭିକାରୀ ପାତ୍ରଙ୍କ ପୁତ୍ର ଡି. ଭୋବନୀ ପାତ୍ର ଡକୁମେଣ୍ଟରେ ଅଛି। କିନ୍ତୁ ୧୯୬୨ମସିହା ରାଜସ୍ୱ ରୁଲ୍ ଲାଗୁ ହୋଇଥିବା ବେଳେ ୧୯୮୬ ମସିହା ପର ଠାରୁ ସେଟଲ୍‌ମେଣ୍ଟ ବସିନଥିବା ତାହା ରାଜସ୍ୱ ବିଭାଗକୁ ପଳାଇଯାଇଛି। କିନ୍ତୁ ୧୯୮୭ ମସିହା ପରଠାରୁ ଜମି ମାଲିକ କୌଣସି କାରଣ କିମ୍ବା ଅଜ୍ଞାତ ବଶତଃ ଜାଣିନପାରିବା ଓ ଏପ୍ଲାଇ କରିନଥିବା ତାହା ସରକାରଙ୍କ ଖାତାକୁ ଚାଲିଯାଇଛି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଉପରୋକ୍ତ ସମୟରେ ଯେଉଁମାନେ ପୁନଃ ଏପ୍ଲାଇ କରିଲେ ନିଜର ହକ୍ ପାଇଲେ ଅନ୍ୟମାନେ କୌଣସି କାରଣ ବଶତଃ ଜାଣିନପାରିବା ପରନ୍ତୁ ସେଟଲ୍‌ମେଣ୍ଟ ନବସିବା ଆଜି ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ନିକଟରେ ରାଜ୍ୟ ସରକାର ଏସ୍.ଆର୍.ପି କେସ୍ ୧୯୮୦ ପୂର୍ବର ଗଞ୍ଜାମ ଜିଲ୍ଲା କନିସି ସହିତ ବିଭିନ୍ନ ତହସିଲରେ ସେଟଲ୍‌ମେଣ୍ଟ ହୋଇଥିବା ବେଳେ ଖଲ୍ଲିକୋଟ ତହସିଲରେ ଏ ପର୍ଯ୍ୟନ୍ତ ସରକାରଙ୍କ ଗାଇଡ଼୍ ଲାଇନ୍ ପହଞ୍ଚୁନଥିବା କୁଆଡେ ସଫେଇ ଦିଆଯାଇଛି। ପ୍ରକାଶିତ ପୂର୍ବରୁ ଉଭୟ ପକ୍ଷର ମତାମତ ଓ ପ୍ରାଧାନ୍ୟକୁ ଗୁରୁତ୍ୱାରୋପ କରାନଯାଏ ତାହାହେଲେ ଏଠାରେ କାମଳ ସାମ୍ବାଦିକତା ପରିଚୟ ସୃଷ୍ଟି କରେ।

# ସାନ୍ତାଳ ସମାଜର ଏକତା, ପରିଚୟ ଓ ଭବିଷ୍ୟତ ନେଇ ଚିନ୍ତା ପ୍ରକଟ

**ରାଇରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ସାନ୍ତାଳୀ ଭାଷା ଅଲ୍ ଚିକି ଲିପିର ସ୍ରଷ୍ଟା ପାର୍‌ସି ସିଞ୍ଚ ଚାନ୍ଦ ଅଲ୍ ଗୁରୁ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୧ତମ ଜନ୍ମ ଜୟନ୍ତୀ ଅବସରରେ ବହଳଦା ବ୍ଲକର ବଡ଼ ପଳସା ପଞ୍ଚାୟତ ଅଧିନରେ ଥିବା ବାଡେପଟକା ଠାରେ ଏକ ସ୍ମୃତି ସଭା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମଟି ଖେରୱାଲ ସାୱାଁର ସାରନା ଗାଁୱାତା ବାଡେପଟକା ପକ୍ଷରୁ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମର ମାଝି ବାବା, ନାୟକେ ବାବାଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ପାଳସା ପିଢ ପରଗଣା ଭଗୀରଥୀ ହାଁସଦାଃ, ଓଲିଡିହର ମାଝି ବାବା ବିଶ୍ୱନାଥ ମୁର୍ମୁ, ରାମଗଡ଼ ମାଝି ବାବା, ପଟୁଆ ଗ୍ରାମର ଅଲ୍ ଚିକି ପ୍ରେମୀ ମକ୍ର ମୁର୍ମୁ, ବାଡେପଟକାର ନାୟକେ ବାବା ବାଜାଃ ମୁର୍ମୁ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ଗୁରୁଚରଣ ହାଁସଦାଃ ଉପସ୍ଥିତ ଥିଲେ। ଅତିଥିମାନେ ତାଙ୍କର ଉଦ୍‌ବୋଧନରେ ସାନ୍ତାଳ ସମାଜର ଏକତା, ପରିଚୟ ଓ ଭବିଷ୍ୟତ ପ୍ରତି ଗଭୀର ଚିନ୍ତା ପ୍ରକାଶ କରିଥିଲେ ଏବଂ ସାମାଜିକ ବ୍ୟବସ୍ଥା ଓ ପରସ୍ପର ମଧ୍ୟରେ ଏକତା ବଜାୟ ରଖିବାକୁ ଆହ୍ୱାନ୍ ଦେଇଥିଲେ। ଏହି ଅବସରରେ ସମସ୍ତ ଅତିଥିମାନଙ୍କୁ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନାମରେ ଜାରି ହୋଇଥିବା ଡାକ ଟିକଟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମଟିକୁ ସଫଳ କରିବାରେ କୁଶଧର ହାଁସଦାଃ, ସୁରାଇ ଚରଣ ମୁର୍ମୁ, ମୀନକେତନ ଟୁଡୁ, ଶାଂଖାର ହାଁସଦାଃ, ପଣ୍ଡା ଚରଣ ମୁର୍ମୁ, ବିକ୍ରମ ହାଁସଦାଃ, ମୁଚିରାମ ହାଁସଦାଃ, ଶ୍ୟାମ ଚରଣ ହାଁସଦାଃ, ମହେଶ୍ୱର ହାଁସଦାଃ ଏବଂ ଖେରୱାଲ ସାୱାଁର, ସାରନା ଗାଁୱାତା ସଂଗଠନର ସମସ୍ତ ସକ୍ରିୟ ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ ପ୍ରଦାନ କରିଥିଲେ।



### ////////////// ରାଜ୍ୟ ବ୍ୟାପୀ ଓୟୁଜେର ଆନ୍ଦୋଳନ //////////////

# ପେନ୍‌ସନ୍, ପ୍ରୋଟେକ୍‌ସନ୍ ଓ ଆକ୍ରିଡେସନ୍ ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର




**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସାମ୍ବାଦିକମାନଙ୍କ ଦାବି ପୁରଣ କରିବା ଦିଗରେ ରାଜ୍ୟ ସରକାର କାଳକ୍ଷେପଣ ନୀତି ଗ୍ରହଣ କରୁଥିବାରୁ ଏହାକୁ ନେଇ ଗଭୀର କ୍ଷୋଭ ପ୍ରକାଶ କରାଯାଇଛି । ପେନ୍‌ସନ୍, ପ୍ରୋଟେକ୍‌ସନ୍ ଓ ଆକ୍ରିଡେସନ୍ ଦାବିକୁ ନେଇ ବିଭିନ୍ନ ସମୟରେ ସ୍ୱର ଉତ୍ତୋଳନ କରିଆସୁଥିବା ରାଜ୍ୟର ପ୍ରମୁଖ ସଙ୍ଗଠନ ଓଡ଼ିଶା ସାମ୍ବାଦିକ ୟୁନିଅନ୍ (ଓୟୁଜେ) ଡାକରାରେ ଶୁକ୍ରବାର ଦିନ ଶ୍ରମିକ ଦିବସକୁ ରାଜ୍ୟ ବ୍ୟାପି ସାମ୍ବାଦିକମାନେ ପ୍ରତିବାଦ ଦିବସ ଭାବେ ପାଳନ କରିଥିଲେ। ଏହି ଅବସରରେ ୩୦ଟି ଯାକ ଜିଲ୍ଲାରେ ସାମ୍ବାଦିକମାନେ କଳା ବ୍ୟାଚ୍ ପିନ୍ଧିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ରାଜଧାନୀରେ ଓୟୁଜେ ଭବନରେ ସଂଘର ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସମାବେଶରେ ମୁଖ୍ୟ ବିରୋଧି ଦଳ ବିଜେଡି ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗଦେଇ ସାମ୍ବାଦିକ ମାନଙ୍କ ଦାବିପ୍ରତି ସମର୍ଥନ ବ୍ୟକ୍ତ କରିଥିଲେ। ପୂର୍ବତନ ମନ୍ତ୍ରୀ ତଥା ବିଜେଡି ବିଧାୟକ ଡ଼. ଅରୁଣ ସାହୁ ସାମ୍ବାଦିକ ମାନଙ୍କ ନ୍ୟାୟୋଚିତ ଦାବି ପ୍ରତି ସରକାରଙ୍କ ଅବହେଳା ଅତ୍ୟନ୍ତ ନିନ୍ଦନୀୟ ବୋଲି ମତବ୍ୟକ୍ତ କରିବା ସହ ସେ ନିଜେ ଏ ବାବଦରେ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଦେଶରେ ୧୮ଟି ରାଜ୍ୟରେ ପେନ୍‌ସନ୍ ଯୋଜନା ଲାଗୁ ହୋଇଥିବା ବେଳେ ଓଡ଼ିଶାରେ ଏଯାଏ ଲାଗୁନହେବା, ୧୯ ବର୍ଷରୁ ଅଧିକ ସମୟ ଧରି ସାମ୍ବାଦିକ ଅଧିସ୍ୱୀକୃତି କମିଟି ଗଠନ ନହେବା ଏବଂ ରାଜ୍ୟରେ ସାମ୍ବାଦିକ ମାନଙ୍କ ଉପରେ ଆକ୍ରମଣ ଘଟଣା ବଢ଼ି ଚାଲିଥିବା ବେଳେ ସାମ୍ବାଦିକ ସୁରକ୍ଷା ଆଇନ୍ ପ୍ରଣୟନ ନହେବା ଅତ୍ୟନ୍ତ କ୍ଷୋଭର ବିଷୟ ବୋଲି ସଭାପତି ଶ୍ରୀ ମହାନ୍ତି ତାଙ୍କ ବକ୍ତବ୍ୟରେ ଦର୍ଶାଇଥିଲେ। ସାଧାରଣ ସମ୍ପାଦକ କିଷାନ କୁମାର ରାଉତ ନିର୍ବାଚନ ପୂର୍ବରୁ ସାମ୍ବାଦିକଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ପାଳନ କରାଯାଉନଥିବାରୁ ଏହାକୁ ନେଇ ସାମ୍ବାଦିକ ମହଲରେ ଗଭୀର କ୍ଷୋଭ ପ୍ରକାଶ ପାଇଛି ଓ ଆଗାମୀ ଦିନରେ ଏହା ବଡ଼ ଧରଣର ଆନ୍ଦୋଳନର ରୁପ ନେବ ବୋଲି ଚେତାଇ ଦେଇଥିଲେ। ଉପସଭାପତି ପରୀକ୍ଷିତ ବିଶ୍ୱାଳ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଅକ୍ଷୟ କୁମାର ସାହୁ, ପ୍ରମୋଦ କୁମାର ସାମନ୍ତରାୟ, କଟକ ଜିଲ୍ଲା ସଭାପତି ପ୍ରଫୁଲ୍ଲ ମହାନ୍ତି, ବରିଷ୍ଠ ସଦସ୍ୟ ଅଜୟ ଦାସ, ରାଜେଶ ପଟ୍ଟନାୟକ, କମ୍ବୁପାଣି ମିଶ୍ର, ଅଶୋକ କୁମାର ନନ୍ଦ, ଚିନ୍ମୟ ମାହାପାତ୍ର, ପ୍ରସନ୍ନ ପାଇକରାୟ, କାର୍ଯ୍ୟକାରିଣୀ ସଦସ୍ୟ ସୁଶାନ୍ତ ବିଶ୍ୱାଳ, ଅନସର୍ ଅଲ୍ଲି, ସୁଧାଂଶୁ ପରିଡ଼ା, ଶୁଭଲକ୍ଷ୍ମୀ ସାମନ୍ତରାୟ, ଅଶ୍ୱିନୀ ସାହୁ ପ୍ରମୁଖ ଯୋଗଦେଇ ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ କେନ୍ଦୁଝରର ବରିଷ୍ଠ ସାମ୍ବାଦିକ କ୍ଷେତ୍ରବାସୀ ମହାକୁଡ଼ଙ୍କ ବିୟୋଗରେ ଶୋକବ୍ୟକ୍ତ କରାଯାଇଥିଲା। ପ୍ରତିବାଦ ଦିବସ ଅବସରରେ ଓୟୁଜେ ପକ୍ଷରୁ ପେନ୍‌ସନ୍, ପ୍ରୋଟେକ୍‌ସନ୍, ଆକ୍ରିଡେସନ୍ ଓ ସ୍ୱାସ୍ଥ୍ୟବୀମା ରାଶି ବୃଦ୍ଧି ଦାବିରେ ଏକ ଚାରି ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।



# ଜୈବିକ ଚାଷର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ଯୁଯୁମୁରା ବ୍ଲକ ଅନ୍ତର୍ଗତ ନୁଆଁ ବରଗାଁମାଲ ପଞ୍ଚାୟତର ହାତୀଦହଳା ଠାରେ ରବିବାର ଜୈବିକ ଚାଷ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥୁଆମୂଳ ରାମପୁର କୃଷକ ଉତ୍ପାଦକ କମ୍ପାନୀ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ତଥା ଆଖପାଖର ଚାଷୀମାନେ ସାମିଲ୍ ହୋଇଥିଲେ। ସ୍ଥାନୀୟ ସିଆର୍‌ପି ମନବୋଧ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭବାନୀଶ ଭୋଇ ଜୈବିକ ମାଣ୍ଡିଆ ଚାଷର ଆବଶ୍ୟକତା ଉପରେ ସଚେତନ କରିଥିଲେ। ବର୍ତ୍ତମାନ ସମୟରେ ଦେଖା ଦେଉଥିବା ବିଭିନ୍ନ ରୋଗର ସମାଧାନ ପାଇଁ ଜୈବିକ ଚାଷ ଆବଶ୍ୟକତା ହୋଇଥିବା ସେ କହିଥିଲେ। ତେଣୁ ଜୈବିକ ଚାଷରେ ହିଁ ଭବିଷ୍ୟତ ରହିଛି। ଅଞ୍ଚଳରେ ମାଣ୍ଡିଆରେ ବିଭିନ୍ନ ସାମଗ୍ରୀ ତିଆରି ହେଉଥିବା ବେଳେ ଏହାକୁ ଅଧିକ ପ୍ରଚାର ପ୍ରସାର କରିବାରେ ଟିଏଫ୍ ପିସିଏଲ୍ ସହଯୋଗ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା । ଏହି ଅବସରରେ ଚାଷୀମାନେ ଅଞ୍ଚଳରେ ମାଣ୍ଡିଆ ଚାଷ ପାଇଁ ରହିଥିବା ସମସ୍ୟା ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଫାଦର ମନୋହର ଟପ୍ପୋ, ସିଆର୍‌ପି ଜିତୁ ମାଝୀ, କୈଳାଶ ସେଠ, ଅଞ୍ଜଳି ସିଂ, ମନୋରଞ୍ଜନ ମେଣ୍ଡଲୀ ପ୍ରମୁଖ ଯୋଗଦେଇଥିଲେ।

# କାଜୁ ବ୍ୟବସାୟୀଙ୍କୁ ଅପହରଣ ଉଦ୍ୟମ ପଣ୍ଡ:୩ ଦୁର୍ବୃତ୍ତ ଗିରଫ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକରେ ଜଣେ କାଜୁ ବ୍ୟବସାୟୀଙ୍କୁ ବିଚ୍ ରାସ୍ତାରୁ କିଛି ଦୁର୍ବୃତ୍ତ ଫିଲ୍ମ ଷ୍ଟାଇଲ୍‌ରେ ବୋଲେରୋରେ ଅପହରଣ କରି ନେଉଥିବାବେଳେ ସହରାଞ୍ଚଳ ଥାନା ପୋଲିସ୍ ପହଞ୍ଚି ବୋଲେରୋକୁ ଗୋଡାଇ ଧରିବା ସହ ଅପହୃତାଙ୍କୁ ଉଦ୍ଧାର କରିଛି। ପ୍ରାପ୍ତ ସୂଚନା ଅନୁସାରେ ଦିବା ୯.୩୦ ମିନିଟ୍ ସମୟରେ ଭଦ୍ରକ ସହରାଞ୍ଚଳ ଥାନା ଅଧିନ ପୋଷ୍ଟ ଅଫିସ ଛକ ପେଟ୍ରୋଲ ଟାଙ୍କି ନିକଟରୁ ଭଦ୍ରକ କୁଆଁସରେ ଭଡାରେ ରହୁଥିବା କଟକ ତିଗିରିଆ ଅଞ୍ଚଳର କାଜୁ ବ୍ୟବସାୟୀ ପ୍ରସନ୍ନ ପ୍ରଧାନ ପରିବା କିଣି ଘରକୁ ଚାଲି ଚାଲି ଯାଉଥିବାବେଳେ ତାଙ୍କୁ ବରହମପୁର ନିମାଖଣ୍ଡିର ଚନ୍ଦନ କୁମାର ସାହୁ, ପାଟପୁରର ଦେବାଶିଷ ଆଚାର୍ଯ୍ୟ, ବିଏନପୁରର ରାଜେଶ କୁମାର ସାହୁ ଏକ ବୋଲେରୋରେ ଉଠାଇ ନେଇଥିଲେ। ଖବରପାଇ ସହରାଞ୍ଚଳ ଥାନାଧିକାରୀ ପ୍ରଭାଂଶୁ ମିଶ୍ରଙ୍କ ନେତୃତ୍ୱରେ ଏକ ପୋଲିସ୍ ଟିମ୍ ଉକ୍ତ ବୋଲେରୋକୁ ଗୋଡେଇ ଧରିଥିବାବେଳେ କାଜୁ ବ୍ୟବସାୟୀ ଶ୍ରୀ ପ୍ରଧାନଙ୍କୁ ଉଦ୍ଧାର କରିଥିଲେ। ଉକ୍ତ ଅପହରଣ ସ୍ଥାନରେ ପ୍ରସନ୍ନଙ୍କ ଜୋତା ଓ ପନିପରିବା ପଡିରହିଥିଲା । ତେବେ ଟଙ୍କା କାରବାରକୁ ନେଇ ଗଞ୍ଜାମରୁ ଆସି ଭଦ୍ରକରୁ କିଡ୍‌ନାପ୍ ହୋଇଥିବା ବିଷୟ ଜଣାପଡିଛି। କାଜୁ ବେପାରରେ ୩୦ ଲକ୍ଷ ଟଙ୍କା ବାକି ରଖି ଦେଉନଥିବାରୁ ଏଭଳି ଅପହରଣ ହୋଇଥିବାର ପ୍ରାଥମିକ ତଦନ୍ତରୁ ଜଣାପଡିଛି । ଏବଂ ଉକ୍ତ ଘଟଣାରେ ୩ ଜଣଙ୍କୁ ପୋଲିସ୍ ଗିରଫ କରି ଅଧିକ ତଦନ୍ତ ଜାର ରଖିଥିବା ବିଷୟ ଥାନାଧିକାରୀ ଶ୍ରୀ ମିଶ୍ର କହିଛନ୍ତି।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦାଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୫।୦୫।୨୦୨୬, ବୈଶାଖ ଦି୨୨ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୧୮।୩୦ ଚନ୍ଦ୍ରୋଦୟ-ରାଘ୯।୩୧।୨୮**


**ମଳ ତୃତୀୟା-** ପ୍ରାଘ୫।୨୫ପର୍ଯ୍ୟନ୍ତ । ଜ୍ୟେଷ୍ଠାନକ୍ଷତ୍ର ଦିଘ୧୨।୫୬ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ, ମକର, କୁମ୍ଭ ରାଶିର । ଦିଘ ୧୨।୫୬ ଗତେ ମିଥୁନ, କର୍କଟ, କନ୍ୟା, ଧନୁ, ମକର, ମୀନ ରାଶିର। **ଘାତ ଚନ୍ଦ୍ର-** ଦିଘ୧୨।୫୬ ଗତେ ତୁଳା ଓ କୁମ୍ଭ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ପୋଟଳ ପ୍ରାଘ୫।୨୫ଗତେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୩୩ ଗତେ ଦିଘ ୧୦।୨୮ ମଧ୍ୟେ ଦିଘ୧।୦୩ ଗତେ ଦିଘ୧।୨୦ ମଧ୍ୟେ।




**ମେଷ:** ଯୋଜନାବଦ୍ଧ ଭାବରେ କାର୍ଯ୍ୟ ନିର୍ବାହ କରିପାରିବେନାହିଁ । ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ । ଚଞ୍ଚଳତାର ଶିକାର ହୋଇପାରନ୍ତି । ପାରିବାରିକ ସହଯୋଗ ଲାଭ କରିବେ । ଦେହ ଓ ମନ ଭଲ ରହିବ ।



**ବୃଷ:** ମନରେ ଶତସିଂହର ବଳ ଆସିବ । ସାହାଯ୍ୟ ସହଯୋଗ ପ୍ରାପ୍ତି ହେବା ସହିତ ବନ୍ଧୁପ୍ରୀତି ଲାଭର ସୂଚନା । ଆୟର ପଥ ପରିଷ୍କାର ହେବ । ଦ୍ରବ୍ୟ ଲାଭ ପରିବାରକୁ ଆନନ୍ଦ ଦେବ । ପାରିବାରିକ ସୁଖ ଲାଭ ।



**ମିଥୁନ:** ଅସହଯୋଗରୁ ବିରକ୍ତି ପ୍ରକାଶ ପାଇବ । ସାମୟିକ ବ୍ୟସ୍ତତା ଦେଖାଦେବ । ଭୋଗବିଳାସରେ ବିଘ୍ନ ଘଟିବ । କର୍ମକ୍ଷେତ୍ରରେ ପଥରୋଧର ଆଶଙ୍କା । ଆୟ ଓ ବ୍ୟୟ ସମାନ ରହିବ । ଘରେ ଶାନ୍ତି ଲାଭ ହେବ ।



**କର୍କଟ:** ମନରେ ଚଞ୍ଚଳତା ହେତୁ କୌଣସି କାମରେ ମନ ଲାଗିବ ନାହିଁ । ବିଚାର ବିମର୍ଶ ବା ସୁପରାମର୍ଶ କ୍ରମେ କାର୍ଯ୍ୟ ହାସଲ । ହଠାତ୍ ଭାଇ ବା କର୍ମଚାରୀ ସହ କଳହ ଆଶଙ୍କା । ଘରେ ଆନନ୍ଦ ଦେଖାଦେବାର ସୂଚନା ।




**ସିଂହ:** ସମସ୍ତ ସୁବିଧା ଥିଲେ ମଧ୍ୟ ଆକସ୍ମିକ ପରିସ୍ଥିତି କେତେକ ସମସ୍ୟା ସୃଷ୍ଟି କରାଇବ । ଆୟ ଓ ବ୍ୟୟ ସମାନ ରହିବ । ସାଧାରଣ କଥା ବୃହତ୍ ହେବ । ପରିବାରରୁ ସମର୍ଥନ ଲାଭ କରିବେ । ମନ ଅସ୍ଥିର ରହିବ ।



**କନ୍ୟା:** ଯାହା କଲେ ତାହା ଖୁସିରେ ହୋଇପାରିବ । ଅନ୍ୟର ଉପକାର କରି ଲୋକ ସମ୍ପର୍କ ବୃଦ୍ଧି କରିବେ । କିନ୍ତୁ ପାରିବାରିକ ବିରୋଧିର ସମ୍ମୁଖୀନ ହେବାକୁ ପଡିପାରେ । ଆୟରେ ଉନ୍ନତି ହେବ । ମହିଳାମାନେ ଗର୍ବୀ ହେବେ ।



**ତୁଳା:** ମନରେ ଅଭିମାନ ଆସିବ । କର୍ମ ପଥରେ ବନ୍ଧନ ତଥା ପରାଧୀନତା ଅନୁଭବ କରିବେ । ଜଣେ ଆଗନ୍ତୁକଙ୍କ ପାଇଁ ଅଶାନ୍ତି ସୃଷ୍ଟିର ସମ୍ଭାବନା । ପରିବାରରେ ତୃପ୍ତି ଲାଭ । ବ୍ୟୟର ମାତ୍ରା ବଢ଼ିବ ।



**ବିଛା:** ମନରେ ଅସ୍ଥିରତା ଦେଖା ଦେବ । ତଥାପି ବନ୍ଧୁ ସହଯୋଗରୁ କର୍ମପ୍ରାପ୍ତି ତଥା ସୁଖ ସନ୍ତୋଷ ଲାଭ ହେବ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ କଳହ ଦେଖାଦେଇପାରେ । କଚେରୀ ମାମଲାରେ ଶୁଣାଣି ସାପେକ୍ଷ ଜନିତ ହେବ ।



**ଧନୁ:** ଆପଣ ଯେତେ ଯାହା କରନ୍ତୁ ଅନ୍ୟମାନଙ୍କର ସମାଲୋଚନାର ଶିକାର ହେବେ । ତଥାପି କର୍ମପ୍ରାପ୍ତି ଆନନ୍ଦ ଦେବ । ଆୟ ପୂର୍ବପରି ସ୍ଥିର ରହିବ । ଘରେ ପ୍ରତିରୋଧର ସମ୍ମୁଖୀନ ହେବେ ।



**ମକର:** ବହୁ ପରିମାଣର ଅର୍ଥର ଆବଶ୍ୟକତା ଅନୁଭବ କରିବେ । କୌଣସି ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ବନ୍ଧୁ ସହଯୋଗ ମିଳିବ । ଆୟ ମଧ୍ୟମ ହେବ । ଘରେ ଶାନ୍ତି ଲାଭ । ମହିଳାମାନେ ସୁଖୀ ହେବେ ।



**କୁମ୍ଭ:** ଅନ୍ୟମାନଙ୍କ କଥାକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିଚାଲିବେ । କର୍ମ ପ୍ରାପ୍ତି ସହିତ ପ୍ରଶଂସା ପାଇବେ । ଆର୍ଥିକ ଦିଗଟି ବେଶ୍ ଉନ୍ନତି କରି ହେବ । ପରିବାରରେ ଅସହଯୋଗ ଦେଖାଦେବ । ବନ୍ଧୁ ଦର୍ଶନର ସୂଚନା ।



**ମୀନ:** କେତେକ ବାକି କାର୍ଯ୍ୟ ସମାଧାନ ସହିତ ପୁରୁଣା କାର୍ଯ୍ୟ ପ୍ରାପ୍ୟ ଆଦାୟ ମନରେ ଖୁସି ଆଣିବ । ଦୂରଯାତ୍ରା କରି ସୁଫଳ ପାଇପାରିବେ । ପରିବାରରୁ ସତ୍ ପରାମର୍ଶ ମଳିବ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦାଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୬।୦୫।୨୦୨୬, ବୈଶାଖ ଦି୨୩ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୫।୧୭।୫୭ ଚନ୍ଦ୍ରୋଦୟ-ରାଘ୧୦।୨୦।୩୮**

**ଚତୁର୍ଥୀ-**ପ୍ରାଘ ୭।୫୩ପର୍ଯ୍ୟନ୍ତ । ମୂଳାନକ୍ଷତ୍ର ଦିଘ ୩।୫୬ ପର୍ଯ୍ୟନ୍ତ । **ଧନୁଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, କନ୍ୟା, ଧନୁ, ମକର ଓ ମୀନ ରାଶିର । **ଘାତଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ମୂଳା ପ୍ରାଘ ୭।୫୩ ଗତେ ବେଲ ଓ ପଣସ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୧୯ ଗତେ ଦିଘ ୭।୦୩ ମଧ୍ୟେ ଦିଘ୧୦।୦୯ଗତେ ଦିଘ୧୧।୧୯ ମଧ୍ୟେ।



## ଆରସିବିକୁ ବଡ଼ ଝଟ୍‌କା
ସ୍ୱଦେଶ ଫେରିଲେ ଫିଲ୍ ସଲ୍ଟ


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS

# ସମ୍ବାଦ କଳିକା
The Sambad Kalika
TM

E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୯୪ ● ୫ ମଇ ୨୦୨୬ ମଙ୍ଗଳବାର ● ଭୁବନେଶ୍ୱର ● Vol -33 ● Issue-94 ● 5th May 2026, Tuesday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27


# ମର୍ମନ୍ତୁଦ ସଡ଼କ ଦୁର୍ଘଟଣା : ୫ ମୃତ

## ମୁଖ୍ୟମନ୍ତ୍ରୀଙ୍କ ଦୁଃଖ ପ୍ରକାଶ : ମୃତକଙ୍କ ପରିବାରଙ୍କୁ ୪ ଲକ୍ଷ ଲେଖାଏଁ ସହାୟତା

**ଧର୍ମଶାଳା/ଭୁବନେଶ୍ୱର,୪।୫**
**ନ୍ୟୁଜ୍‌ବ୍ୟୁରୋ**

ଜେନାପୁରଥାନା ଅନ୍ତର୍ଗତ ୫୩ନଂ ଜାତୀୟ ରାଜପଥର ବରଡ଼ା ଛକ ନିକଟରେ ହାଇଓ୍ୱା ଧକ୍କାରେ ବୋଲେରୋ ଆସୁଥିବାଥିବା ୫ ଜଣ ବରଯାତ୍ରୀଙ୍କର ଶୋଚନୀୟ ମୃତ୍ୟୁ ଘଟିଛି। ସୋମବାର ସକାଳେ ବଡ଼ଚଣା ଥାନା ଶାସନ ପୁରୁଷୋତ୍ତମପୁର ଗ୍ରାମର ବରଯାତ୍ରୀ ଦଳ କେନ୍ଦୁଝର ଅଞ୍ଚଳରୁ ଫେରୁଥିବା ବେଳେ ବରଡ଼ା ଛକ ନିକଟରେ ବୋଲେରୋ ସହ ହାଇଓ୍ୱା ଧକ୍କା ହୋଇଥିଲା। ଏତେ ଜୋର ଧକ୍କା ହୋଇଥିଲା ଯେ ଘଟଣାସ୍ଥଳରେ ୫ ଜଣଙ୍କର ମୃତଦେହ ଗାଡ଼ିରୁ ଛିଟିକି ପଡ଼ିଥିଲା। ବୋଲେରୋରେ ଗୋଟିଏ ପରିବାରରୁ ୪ ଜଣ ଥିଲା ବେଳେ ମହିଳା ଓ ଶିଶୁ ମଧ୍ୟ ରହିଥିଲେ। ଡ୍ରାଇଭର ଅନ୍ୟ ୭ଜଣ ଗୁରୁତରଙ୍କୁ ଅଗ୍ନିଶମବାହିନୀ ଓ ପୋଲିସ ପହଞ୍ଚି ଧର୍ମଶାଳା ଓ ବଡ଼ଚଣା ସ୍ୱାସ୍ଥ୍ୟ କେନ୍ଦ୍ରରେ ଏବଂ ଅନ୍ୟ ଗୁରୁତରଙ୍କୁ କଟକ ସ୍ଥାନାନ୍ତର କରିଛନ୍ତି।



ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟି ଜବତ କରି ଜେନାପୁର ପୋଲିସ ଘଟଣାର ତଦନ୍ତ କରୁଛି। ଖବରପାଇ ବଡ଼ଚଣା ବିଧାୟକ ଅମର ନାୟକ ଡାକ୍ତରଖାନାରେ ପହଞ୍ଚି ମୃତ ଆହତ ପରିବାର ଲୋକଙ୍କୁ ଭେଟି ତୁରନ୍ତ ଚିକିତ୍ସା ପାଇଁ ବ୍ୟବସ୍ଥା କରିଛନ୍ତି।

ଯାଜପୁରଠାରେ ଘଟିଥିବା ଦୁଃଖଦ ସଡ଼କ ଦୁର୍ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସିଏମଓ ପକ୍ଷରୁ କୁହାଯାଇଛି, ଯାଜପୁରଠାରେ ଘଟିଥିବା ଦୁଃଖଦ ସଡ଼କ ଦୁର୍ଘଟଣାରେ କାନ୍ଦ ପୂର୍ତ୍ତି, ନମିତା ନାୟକ, ଗୀତା ପୂର୍ତ୍ତି, ବଲ୍ଲା ମୁଣ୍ଡା ଏବଂ ମାଳତୀ ମୁଣ୍ଡାଙ୍କର ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ପ୍ରତ୍ୟେକ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଲେଖାଏଁ ସହାୟତା ଘୋଷଣା କରିଛନ୍ତି। ଏହି ଦୁର୍ଘଟଣାରେ ଆହତମାନଙ୍କ ଉତ୍ତମ ଚିକିତ୍ସା ପାଇଁ ସମସ୍ତ ବ୍ୟବସ୍ଥା ସୁନିଶ୍ଚିତ କରାଯାଉଥିବା ବେଳେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ବାଦ୍ ପଡ଼ିଥିବା ହିତାଧିକାରୀଙ୍କ ଖାତାକୁ ଗଲା ସୁଭଦ୍ରା ଟଙ୍କା

**ଭୁବନେଶ୍ୱର,୪।୫**
**ନ୍ୟୁଜ୍‌ବ୍ୟୁରୋ**

ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୋମବାର ଦିନ ଭୁବନେଶ୍ୱରସ୍ଥିତ ମହିଳା ଓ ଶିଶୁ ବିକାଶ ବିଭାଗର ସମ୍ମିଳନୀ କକ୍ଷରୁ ଆଭାସୀ ମାଧ୍ୟମରେ 'ସୁଭଦ୍ରା' ଯୋଜନା ଅନ୍ତର୍ଗତ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ କିସ୍ତିରୁ ବାଦ୍ ପଡ଼ିଯାଇଥିବା ୭୯ ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ୬୧ କୋଟିରୁ ଅଧିକ ଟଙ୍କା ପ୍ରଦାନ କରିଛନ୍ତି, ଯାହା ଡିବିଟି ମାଧ୍ୟମରେ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଇଛି।

ଏହା ସ୍ୱଚ୍ଛତା ଏବଂ ସଠିକ୍ ସମୟରେ ସହାୟତା ପ୍ରଦାନକୁ ନିଶ୍ଚିତ କରିଛି । ନିଷ୍କ୍ରିୟ ଏନପିସିଆଇ ଲିଙ୍କେଜ୍, ଇ-କେଓ୍ୱାଇସି ବାୟୋମେଟ୍ରିକ ତ୍ରୁଟି ଏବଂ ବାକି ଥିବା ଅଭିଯୋଗ ସମାଧାନ କାରଣରୁ ପ୍ରଥମ, ଦ୍ୱିତୀୟ କିମ୍ବା ତୃତୀୟ କିସ୍ତି ପାଇପାରି ନଥିବା ମହିଳାମାନେ ଏହି ତାଲିକାରେ ଅନ୍ତର୍ଭୁକ୍ତ ଅଛନ୍ତି। ସରକାରୀ ତଥ୍ୟ ଅନୁଯାୟୀ, ଏହି ଯୋଜନା ଅନ୍ତର୍ଗତ ୨୧,୯୦୧ ଜଣ ହିତାଧିକାରୀ ପ୍ରଥମ କିସ୍ତି, ୨୨,୩୪୭ ଜଣ ଦ୍ୱିତୀୟ କିସ୍ତି ଏବଂ ୭୯,୬୦୧ ଜଣ ତୃତୀୟ କିସ୍ତି ପାଇଛନ୍ତି। ବିଭିନ୍ନ ପ୍ରଶାସନିକ ସ୍ତରରେ ବିଚାରାଧୀନ ମାମଲାଗୁଡ଼ିକର ଯାଞ୍ଚ ଏବଂ ସମାଧାନ ପରେ ଏହି ଅର୍ଥ ପ୍ରଦାନ କରାଯାଇଛି ।



ଉପ-ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ, କୌଣସି ଯୋଗ୍ୟ ହିତାଧିକାରୀ ଯେପରି ବାଦ୍ ନ ପଡ଼ନ୍ତି ତାହା ନିଶ୍ଚିତ କରିବାକୁ ସରକାର ପ୍ରତିବଦ୍ଧ। ବ୍ୟବସ୍ଥିତ ଯାଞ୍ଚ ଏବଂ ଅଭିଯୋଗ ନିରାକରଣ ମାଧ୍ୟମରେ ସମସ୍ତ ପ୍ରକୃତ ମାମଲା ଗୁଡ଼ିକର ସମାଧାନ କରାଯାଉଛି। ସେ ପୁନର୍ବାର କହିଛନ୍ତି ଯେ 'ସୁଭଦ୍ରା' ଯୋଜନା ରାଜ୍ୟରେ ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ ଦିଗରେ ଏକ ପ୍ରମୁଖ ପଦକ୍ଷେପ ।

ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର-ତଥା-ଶାସନ ସଚିବ ଡ଼ଃ ମୃଣାଳିନୀ ଦର୍ସ୍ୱାଲ, କାର୍ଯ୍ୟକାରୀ ନିର୍ଦ୍ଦେଶିକା ସ୍ୱୟଂ ପ୍ରଭା ମହାନ୍ତି, ଏବଂ ଅତିରିକ୍ତ ଶାସନ ସଚିବ, କୃତିବାସ ରାଉତଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ୩୦ଟି ଜିଲ୍ଲାର ପ୍ରଶାସନିକ ଅଧିକାରୀମାନେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ ।

# ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପାଓ୍ୱାର ସିଷ୍ଟମ ସିମୁଲେସନ ଲାବୋରେଟୋରୀ ଉଦ୍‌ଘାଟିତ

**ଭୁବନେଶ୍ୱର,୪।୫:ନ୍ୟୁଜ୍‌ବ୍ୟୁରୋ**

'ଓଡ଼ିଶା ପାଓ୍ୱାର ଟ୍ରାନ୍ସମିସନ କର୍ପୋରେସନ ଲିମିଟେଡ' (ଓପିଟିସିଏଲ) ପକ୍ଷରୁ ସୋମବାର ଚନ୍ଦକାସ୍ଥିତ ପାଓ୍ୱାର ଟ୍ରେନିଂ ସେଣ୍ଟର (ପିଟିସି) ଠାରେ ଏକ ଅତ୍ୟାଧୁନିକ ପାଓ୍ୱାର ସିଷ୍ଟମ ସିମୁଲେସନ ଲାବୋରେଟୋରୀ ଉଦ୍‌ଘାଟନ ହୋଇଛି। ଓଡ଼ିଶା ସରକାରଙ୍କ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହି ସୁବିଧାର ଶୁଭାରମ୍ଭ କରିଛନ୍ତି। ଏହି ନୂତନ ଲାବୋରେଟୋରୀଟି ଓପିଟିସିଏଲର ବୈଷୟିକ ଦକ୍ଷତା, ଗ୍ରୀଡ୍ ପରିଚାଳନା ଏବଂ କାର୍ଯ୍ୟ ବିଶ୍ୱସନୀୟତାକୁ ସୁଦୃଢ଼ କରିବା ପାଇଁ ପରିକଳ୍ପନା କରାଯାଇଛି। ଅତ୍ୟାଧୁନିକ ସିମୁଲେସନ ଉପକରଣ ଦ୍ୱାରା ସଜ୍ଜିତ ଏହି ଲ୍ୟାବ୍ ଇଞ୍ଜିନିୟରମାନଙ୍କୁ ଜଟିଳ ଗ୍ରୀଡ୍ ପରିସ୍ଥିତିର ମଡେଲିଂ କରିବା, ଲୋଡ୍ ଫ୍ଲୋ ବିଶ୍ଳେଷଣ କରିବା ଏବଂ ବାସ୍ତବ ସମୟରେ ବିଦ୍ୟୁତ ସଙ୍କଟ ବା ତ୍ରୁଟିପୂର୍ଣ୍ଣ ଅବସ୍ଥାର ଅନୁକରଣ କରିବାରେ ସାହାଯ୍ୟ କରିବ। ଏହାଦ୍ୱାରା ଓଡ଼ିଶାର ବର୍ଦ୍ଧିତ ଶକ୍ତି ଚାହିଦା ପୂରଣ କରିବା ଏବଂ ଅକ୍ଷୟ ଶକ୍ତିର ସଂଯୋଗୀକରଣ ପାଇଁ ଏକ ସୁଦୃଢ଼ ଓ ଭବିଷ୍ୟତ-ଉପଯୋଗୀ ଟ୍ରାନ୍ସମିସନ ନେଟଓ୍ୱାର୍କ ନିଶ୍ଚିତ ହୋଇପାରିବ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ, ଏକ ଶକ୍ତିଶାଳୀ ପରିବହନ ନେଟଓ୍ୱାର୍କ ହିଁ ବିକଶିତ ଓଡ଼ିଶାର ମେରୁଦଣ୍ଡ। ଏହି ପାଓ୍ୱାର ସିଷ୍ଟମ ସିମୁଲେସନ ଲାବୋରେଟୋରୀ ଆମ ଇଞ୍ଜିନିୟରମାନଙ୍କୁ ଆଗାମୀ ଆହ୍ୱାନଗୁଡ଼ିକର ପୂର୍ବାନୁମାନ କରିବା ଶିଳ୍ପ, କୃଷି ତଥା ଘରୋଇ ଗ୍ରାହକମାନଙ୍କୁ ୨୪ ଘଣ୍ଟିଆ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ନିଶ୍ଚିତ କରିବାରେ ସହାୟତା କରିବ।

# ୧୫ ହଜାରରୁ ଅଧିକ ଭୋଟରେ ମମତାଙ୍କୁ ହରାଇଲେ ଶୁଭେନ୍ଦୁ ଅଧିକାରୀ

**ନୂଆଦିଲ୍ଲୀ,୪।୫**

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ବିଜେପି ହାସଲ କରିଛି ବଡ଼ ବିଜୟ । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଶାସକ ତୃଣମୂଳ କଂଗ୍ରେସ ବା ଟିଏମସିକୁ ୧୨୫ ଆସନରେ ପରାସ୍ତ କରିଛି।

ପଶ୍ଚିମବଙ୍ଗର ଭବାନୀପୁର ଆସନରେ ସବୁଠାରୁ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ଏହି ଆସନରୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଶୋଚନୀୟ ପରାଜୟ ଘଟିଛି। ବିଜେପିର ଶୁଭେନ୍ଦୁ ଅଧିକାରୀ ତାଙ୍କୁ ୧୫ ହଜାରରୁ ଅଧିକ ଭୋଟରେ ପରାସ୍ତ କରିଛନ୍ତି। ସୋମବାର ମମତା ବାନାର୍ଜୀ ଆସିବା ପରେ ଭବାନୀପୁର ଗଣନା କେନ୍ଦ୍ର ବାହାରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ସେ ବିଜେପି ଏବଂ ନିର୍ବାଚନ କମିଶନଙ୍କ ଉପରେ ମେଣ୍ଟର ଅଭିଯୋଗ କରିଥିଲେ। ଏହି ଆସନରେ ମମତା ଏବଂ ଶୁଭେନ୍ଦୁଙ୍କ ମଧ୍ୟରେ ଅନେକ ପର୍ଯ୍ୟାୟ ପାଇଁ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଭବାନୀପୁର ଆସନରେ ସମସ୍ତ ୨୦ ପର୍ଯ୍ୟାୟ ମତଦାନ ଶେଷ ହୋଇସାରିଛି । ଶୁଭେନ୍ଦୁଙ୍କୁ ମୋଟ ୭୩,୪୬୩ ଭୋଟ ମିଳିଥିବା ବେଳେ ମମତା ବାନାର୍ଜୀଙ୍କୁ ମୋଟ ୫୮,୩୪୯ ଭୋଟ ମିଳିଛି। ଏହାର ଅର୍ଥ ମମତା ବାନାର୍ଜୀ ଏହି ଆସନରେ ମୋଟ ୧୫,୧୧୪ ଭୋଟରେ ପରାସ୍ତ ହୋଇଛନ୍ତି। ଗତ ନିର୍ବାଚନରେ ଶୁଭେନ୍ଦୁ ଅଧିକାରୀ ବଙ୍ଗଳାର ନନ୍ଦିଗ୍ରାମ ଆସନରେ ମଧ୍ୟ ମମତାଙ୍କୁ ପରାସ୍ତ କରିଥିଲେ। ଏହା ପରେ, ସେ ଭବାନୀପୁରରୁ ଉପନିର୍ବାଚନ ଲଢ଼ି ବିଧାନସଭାରେ ପହଞ୍ଚିଥିଲେ।


KALINGA INSTITUTE OF INDUSTRIAL TECHNOLOGY (KIIT)
Deemed to be University
(Established U/S 3 of UGC Act 1956), Bhubaneswar, Odisha, India

● Only 29 Years as an Institute ● 24 Years as a Deemed to be University

THE World University Rankings 2026 Asia — 1st in Eastern India — 169th in Asia
THE World University Rankings 2026 — 5th Among All Universities in India — 501+ Cohort Globally

KIIT Accomplishes QS Rated Excellent & Platinum I-GAUGE
Only University in Eastern India with QS 5-Star & Platinum Ratings
QS World University Rankings 2026 — 1st in Odisha & 8th in India among pvt. universities



● Best Campus — Outstanding infrastructure & world-class facilities
● Best Placement — Excellent Opportunities & Career Outcomes
● Best Environment & Ambience — Supportive learning environment with a vibrant campus atmosphere
● Student Friendly Campus — Student-centric approach with comprehensive support services
● Parent-Friendly Institution — Transparent communication & parent engagement

ADMISSION OPEN
KIITEE 2026 PHASE - 2
APPLY NOW
through KIIT Websites
www.kiitee.ac.in / www.kiit.ac.in
No Examination Fee (Computer-Based Test)
Scan to Apply
Director Admissions, Admission Cell (Koel Campus), KIIT DU, Bhubaneswar, Odisha, India-751024
admission@kiit.ac.in kiitee.ac.in 8080 735 735

Key Rankings & Achievements
A++ Grade Accredited by NAAC
nirf 2025 17th Among Indian Universities
NBA Tier 1 Re-accredited by NBA
ABET (US) Accreditation
IET Accredited Programme The Institute of Engineering and Technology
Special Consultative Status by the UN-ECOSOC
Partnership with UN VOLUNTEERS

KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ପୁଣି ଯୁଦ୍ଧମୁହାଁ ଦୁଇଦେଶ

ଇରାନକୁ ପୁଣି ଟ୍ରମ୍ପ ଧମକ ଦେଇ କହିଛନ୍ତି, ଡିଲ୍ ନ କଲେ ଧ୍ୱଂସ କରିଦେବୁ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶନିବାର ପୁଣି ଇରାନକୁ ଧମକ ଦେଇଛନ୍ତି। କିନ୍ତୁ ଇରାନ ବି ଚୁପ୍ ବସିନାହିଁ । ଟ୍ରମ୍ପ କୌଣସି ବୁଝାମଣା ମାନୁନାହାନ୍ତି । ତାଙ୍କର ସବୁ ପ୍ରତିଶ୍ରୁତି କେବଳ ଦେଖାଣିଆ । ଆମେ ସବୁ ହରକତର ଜବାବ ଦେବୁ ବୋଲି କହିଛନ୍ତି ତେହେରାନ । ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧବିରତି ଜାରି ରହିଥିବା ସତ୍ତ୍ୱେ ହର୍ମୁଜ ପ୍ରଣାଳୀ ସ୍ୱାଭାବିକ ହୋଇପାରୁ ନାହିଁ । ଏହା ଯୋଗୁ ବିଶ୍ୱ ବ୍ୟାପୀ ତୈଳ ଓ ଗ୍ୟାସ ସଙ୍କଟ ଘନେଇବାରେ ଲାଗିଛି । ବିଭିନ୍ନ ଦେଶର ଅର୍ଥ ବ୍ୟବସ୍ଥା ଉପରେ ଏହା ଗୁରୁତର ପ୍ରଭାବ ପକାଉଛି । ଏଭଳି ସ୍ଥିତିରେ ଆମେରିକା ଓ ଇରାନ ନିଜ ଜିଦ୍‌ରେ ଅଟଳ ରହି ପୁଣି ଯୁଦ୍ଧମୁହାଁ ହେଉଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶନିବାର ପୁଣି ଇରାନକୁ ଧମକ ଦେଇ ଡିଲ୍ ନ କଲେ ଧ୍ୱଂସ କରିଦେବୁ ବୋଲି କହିଛନ୍ତି । ଟ୍ରମ୍ପ୍ କହିଛନ୍ତି, ଇରାନ ପାଖରେ ବର୍ତ୍ତମାନ ଦୁଇଟି ବିକଳ୍ପ ରହିଛି । ଏହା ଉଚିତ ଢଙ୍ଗରେ ଆଲୋଚନା କରି ଚୂଡ଼ାନ୍ତ ବୁଝାମଣା କରୁ । ନଚେତ୍ ତେହରାନ ବିରୋଧରେ ଆମେରିକା ଏକ ପୂର୍ଣ୍ଣାଙ୍ଗ ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଦେବ । ଏହି କାର୍ଯ୍ୟାନୁଷ୍ଠାନ ପ୍ରଚଣ୍ଡ ହେବ ଏବଂ ଇରାନକୁ ଧ୍ୱଂସ କରିଦେବ । ତେବେ ମାନବିକତା ଦୃଷ୍ଟିକୋଣରୁ ଆମେ ଆଉ ଯୁଦ୍ଧ ଚାହୁଁନାହୁଁ । କିନ୍ତୁ ଆମ ପାଖରେ ବିକଳ୍ପ ରହିଛି । ସେମାନେ ଯଦିଓ ବୁଝାମଣା ଚାହୁଁଛନ୍ତି, କିନ୍ତୁ ଆମେରିକା ପାଇଁ ସେମାନଙ୍କ ପ୍ରସ୍ତାବ ସନ୍ତୋଷଜନକ ହେଉନାହିଁ । ଇରାନର ନେତୃତ୍ୱ ମଧ୍ୟରେ ଆଭ୍ୟନ୍ତରୀଣ କନ୍ଦଳ ରହିଛି । ବୁଝାମଣା ପ୍ରକ୍ରିୟାକୁ ନେଇ ସେମାନଙ୍କ ମଧ୍ୟରେ ଏକତାର ଅଭାବ ଦେଖାଦେଇଛି । ସେମାନେ ସମ୍ଭବତଃ ଦୁଇ କିମ୍ବା ତିନୋଟି ଗୋଷ୍ଠୀରେ ବିଭକ୍ତ ହୋଇଥିବା ଟ୍ରମ୍ପ୍ କହିଛନ୍ତି । ଟ୍ରମ୍ପ୍‌ଙ୍କ ଏଭଳି ଧମକ ପରେ ଇରାନର ପ୍ରତିକ୍ରିୟା ସାମ୍ନାକୁ ଆସିଛି । ଇରାନର ବରିଷ୍ଠ ସାମରିକ ଅଧିକାରୀ ମହମ୍ମଦ ଜାଫର ଅସଦୀ ଆମେରିକା ସହିତ ପୁନର୍ବାର ଯୁଦ୍ଧ ହେବା ନେଇ ଆଶଙ୍କା ପ୍ରକାଶ କରିଛନ୍ତି । ଏକ ସାକ୍ଷାତକାରରେ ସେ କହିଛନ୍ତି, ଇରାନର ସେନା ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛି । ଆମେରିକାର ଯେ କୌଣସି ପ୍ରକାର ଭୁଲ ହରକତର ଜୋରଦାର ଜବାବ ଦିଆଯିବ । ଯୁଦ୍ଧ ବନ୍ଦ କିମ୍ବା ହର୍ମୁଜ ପ୍ରଣାଳୀ ଖୋଲିବା ନେଇ ଯାହା ବି ପ୍ରସ୍ତାବ ଦିଆଯାଉଛି ଆମେରିକା ତାହାକୁ ଜାଣିଶୁଣି ଅଗ୍ରାହ୍ୟ କରିଦେଉଛି । ଏମିତି କି କୌଣସି ବୁଝାମଣାକୁ ବି ଏହା ପାଳନ କରୁନାହିଁ । ଅସଦୀ ଆହୁରି କହିଛନ୍ତି, ଆମେରିକୀୟ ଅଧିକାରୀଙ୍କ ବୟାନ ଏବଂ ପଦକ୍ଷେପ ସବୁ ଦେଖାଣିଆ । ତାହା ସବୁ ଗଣମାଧ୍ୟମ ଆଗରେ ସୀମିତ । ତୈଳ ଦର ହ୍ରାସକୁ ରୋକିବା ସେମାନଙ୍କର ପ୍ରଥମ ଉଦ୍ଦେଶ୍ୟ । ଦ୍ୱିତୀୟ ଆମେରିକା ନିଜେ ଯେଉଁ ମୁସ୍କିଲ ପରିସ୍ଥିତି ସୃଷ୍ଟି କରିଛି, ସେଥିରୁ ବାହାରିବାକୁ ଚାହୁଁଛି । କିନ୍ତୁ ଆମେରିକାର କୌଣସି ଚାଲକୁ ଆମେ ସଫଳ କରାଇ ଦେବୁନାହୁଁ । ଆମେ ନିଜ ପରମାଣୁ କାର୍ଯ୍ୟକ୍ରମ ଜାରି ରଖିବୁ ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ମୁଁକାର ଡୁବାଇ ଦିଅ



ଶ୍ରୀ ଅଭିରାମ ସରସ୍ୱତୀ

ମୁଁ ଯେବେ ହଜିଯାଏ
ତୁମ ଅନ୍ତରରେ
ତୁମ୍ଭେ ମୋତେ ଖୋଜୁଥାଅ
ମୋର ଅନ୍ତରରେ । ।୧।
ମନ ଯେବେ ଲୁଚିଥାଏ
ତୁମ୍ଭ ମନଠାରେ
ତୁମ୍ଭେ ମୋତେ ଖୋଜୁଥାଅ
ବାହାରେ ବାହାରେ । ।୨।
ଆତ୍ମା ଯେବେ ଖେଳୁଥାଏ
ହୃଦୟ ମନ୍ଦିରେ
ତୁମ୍ଭେ ମୋତେ ଖୋଜୁଥାଅ
ମାୟା ଜଗତରେ । ।୩।
ଭାବ ଯେବେ ହଜିଯାଏ
ତୁମ୍ଭ ଭାବନାରେ
ତୁମ୍ଭେ ମୋତେ ଭାବୁଥାଅ
କଳ୍ପନା ମନ୍ଦିରେ । ।୪।
ପ୍ରେମ ଯେବେ ହଜିଯାଏ
ତୁମ୍ଭ ଶ୍ରୀପୟରେ
ତୁମ୍ଭେ ମୋତେ ବାନ୍ଧିନିଅ
ସଂସାର ଜାଲରେ । ।୫।
ମୁଁ ଯଦି ହଜିଯାଏ
ତୁମ୍ଭ ବାସନାରେ
ତୁମ୍ଭେ ମୋତେ ଝୁରୁଥାଅ
ମାନସ ପଟରେ । ।୬।
ଏକାକାର ଯଦି ହୁଏ
ତୁମ୍ଭ ମିଳନରେ
ମୁଁକାରକୁ ତୁମ୍ଭେ ନେଇ
ମିଶାଅ ତତ୍ତ୍ୱରେ । ।୭।

# ପ୍ରତିନିଧିତ୍ୱରୁ ସଶକ୍ତିକରଣ ପର୍ଯ୍ୟନ୍ତ



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ- ୯୪୩୮୪୮୫୦୯୪

ଭାରତ ଭଳି ବିଶାଳ ଗଣତନ୍ତ୍ରରେ ମହିଳାମାନଙ୍କ ସଂଖ୍ୟା ପାଖାପାଖି ଅଧା କିନ୍ତୁ ରାଜନୀତିରେ ସେମାନଙ୍କ ପ୍ରତିନିଧିତ୍ୱ ସୀମିତ ରହିଛି। ଏହି ଅସନ୍ତୁଳନକୁ ଦୂର କରିବା ପାଇଁ କେନ୍ଦ୍ର ସରକାର ନାରୀଶକ୍ତି ବନ୍ଦନ ଅଧିନିୟମ ସଂସଦରେ ଆଗତ କରିଥିଲେ। ଏହି ଅଧିନିୟମ ବା ବିଧେୟକ ସଂସଦର ଉଭୟ ସଦନ (ରାଜ୍ୟସଭା ଓ ଲୋକସଭା)ରେ ଗୃହୀତ ହୋଇପାରିନାହିଁ। ଏହା ଏକ ଐତିହାସିକ ପଦକ୍ଷେପ ହୋଇଥାନ୍ତା ନିଶ୍ଚୟ। ଏହି ଅଧିନିୟମରେ ଲୋକସଭା ଏବଂ ରାଜ୍ୟମାନଙ୍କର ବିଧାନସଭାରେ ମହିଳା ମାନଙ୍କ ପାଇଁ ୩୩ ପ୍ରତିଶତ ଆରକ୍ଷଣର ପ୍ରାବଧାନ ରହିଥିଲା । ଏହି ଅଧିନିୟମ ଗୃହୀତ ହୋଇନଥିଲେ ମଧ୍ୟ ୨୦୨୩ରେ ସଂସଦରେ ଗୃହୀତ ବିଧେୟକକୁ କାର୍ଯ୍ୟକାରୀ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହା କେବଳ ଆସନ ସଂରକ୍ଷଣ ନୁହେଁ ବରଂ ଗଣତନ୍ତ୍ରକୁ ଅଧିକ ସମାବେଶୀ କରିବା ଦିଗରେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଥାନ୍ତା। ଯଦି ମହିଳାମାନେ ନୀତି ନିର୍ମାଣରେ ଅଧିକ ସଂଖ୍ୟାରେ ସାମିଲ ହେବେ ତେବେ ଶିକ୍ଷା, ସ୍ୱାସ୍ଥ୍ୟ, ପୋଷଣ ଏବଂ ସାମାଜିକ ସୁରକ୍ଷା ଭଳି ପ୍ରସଙ୍ଗରେ ଅଧିକ ସମ୍ବେଦନଶୀଳ ଏବଂ ପ୍ରଭାବୀ ନିର୍ଣ୍ଣୟ ନିଆଯାଇ ପାରିବ। ଯଦିଓ ଏହି ଅଧିନିୟମ ସଂସଦର ଉଭୟ ସଦନରେ ଗୃହୀତ ହୋଇନାହିଁ କିନ୍ତୁ ଏହାର କାର୍ଯ୍ୟକାରୀତା ଜନଗଣନା ଏବଂ ପରିସୀମନର ପ୍ରକ୍ରିୟା ସହ ଯୋଡି ହୋଇ ରହିଛି। ଅର୍ଥାତ୍ ଏହି ଅଧିନିୟମ କାର୍ଯ୍ୟକାରୀ ହେବା ପାଇଁ ସମୟ ଲାଗିପାରେ। ଏହି ବିଳମ୍ବ କେଉଁଠି ନା କେଉଁଠି ଏହାର ତତ୍କାଳ ପ୍ରଭାବଶୀଳତା ଉପରେ ପ୍ରଶ୍ନଚିହ୍ନ ଲଗାଇ ଦେଇଛି। କେବଳ ଆଇନ ପ୍ରଣୟନ ହୋଇଗଲେ ମହିଳା ମାନଙ୍କ ପ୍ରତିନିଧିତ୍ୱ ଯେ ବଢିଯିବ ତା ନୁହେଁ।

ଆଇନର ପ୍ରଣୟନ ହେଲେ ମଧ୍ୟ ଏହାର କାର୍ଯ୍ୟକାରୀତାକୁ ନେଇ ଅନେକ ବାଧା ରହିଛି। ଏବେବି ସମାଜରେ ପିତୃସତ୍ତାତ୍ମକ ବିଚାର ଓ ମାନସିକତା ରହିଛି। ରାଜନୈତିକ ଦଳଙ୍କ ଟିକେଟ ବିତରଣରେ ଅସମାନତା, ନିର୍ବାଚନୀ ଖର୍ଚ୍ଚ ଭଳି ପ୍ରସଙ୍ଗ ମଧ୍ୟ ଏ ଦିଗରେ ବାଧକ ସାଜିପାରେ। ଏଣୁ ରାଜନୈତିକ ଦଳମାନେ ମହିଳା ମାନଙ୍କୁ ଆଗକୁ ବଢ଼ାଇବା ପାଇଁ ଠୋସ୍ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଏହି ନାରୀ ଶକ୍ତି ବନ୍ଦନ ଅଧିନିୟମ ରାଜନୈତିକ ଦଳମାନଙ୍କ ବାସ୍ତବିକ ପ୍ରତିବଦ୍ଧତା ପାଇଁ ଏକ ପରୀକ୍ଷା ନିଶ୍ଚୟ। ରାଜନୈତିକ ଦଳ ମାନେ କ'ଣ କେବଳ ମହିଳାଙ୍କ ପାଇଁ ଆରକ୍ଷିତ ଆସନରେ ସୀମିତ ରହିଯିବେ ନା ସାଧାରଣ ଆସନରେ ବି ମହିଳା ମାନଙ୍କୁ ପର୍ଯ୍ୟାପ୍ତ ସୁଯୋଗ ଦେବେ? ଏହା ହିଁ ଆଇନ୍‌ର ସଫଳତାର ଅସଲ ପରୀକ୍ଷା ହେବ। ନାରୀ ଶକ୍ତି ବନ୍ଦନ ଅଧିନିୟମ ଭାରତୀୟ ଗଣତନ୍ତ୍ରକୁ ଅଧିକ ନ୍ୟାୟପୂର୍ଣ୍ଣ ଏବଂ ସନ୍ତୁଳିତ କରିବା ଦିଗରେ ଏକ ମାଇଲଖୁଣ୍ଟ ସଦୃଶ। କିନ୍ତୁ ଏହାର ସଫଳତା କେବଳ ଆଇନ୍ ପ୍ରଣୟନ ହେଲେ ସମ୍ଭବ ନୁହେଁ ଆଇନ୍‌ର ପ୍ରଭାବୀ କ୍ରିୟାନ୍ୱୟନ ଏବଂ ସାମାଜିକ ମାନସିକତାରେ ପରିବର୍ତ୍ତନ ଉପରେ ନିର୍ଭର କରେ। ଯଦି ଆଇନ୍ ଠିକ୍ ଭାବରେ କାର୍ଯ୍ୟକାରୀ ହୁଏ ତେବେ ଏହା ଭାରତୀୟ ରାଜନୀତିରେ ମହିଳା ମାନଙ୍କ ଭୂମିକାକୁ ଶୀର୍ଷରେ ପହଞ୍ଚାଇ ପାରିବ।

ସଂସଦ ଏବଂ ରାଜ୍ୟ ମାନଙ୍କର ବିଧାନସଭା ମାନଙ୍କରେ ମହିଳାଙ୍କ ପ୍ରତିନିଧିତ୍ୱ ସୀମିତ ରହିବାକୁ କେବଳ ଅସମାନତା କୁହା ଯାଇ ପାରିବନାହିଁ ବରଂ ଏହା ଗଣତନ୍ତ୍ରର ଗୁଣବତ୍ତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଯେତେବେଳେ ନିର୍ଣ୍ଣୟ ନେଉଥିବା ସଂସ୍ଥା ମାନଙ୍କରେ ମହିଳାଙ୍କ ଭାଗିଦାରୀ କମ୍ ହୋଇଥାଏ ସେତେବେଳେ ଆଇନ୍ ବା ନୀତିରେ ସେମାନଙ୍କ ଆବଶ୍ୟକତା ଏବଂ ଦୃଷ୍ଟିକୋଣର ସମୁଚିତ ପ୍ରତିବିମ୍ବ ଦେଖାଯିବ କିପରି? ଭାରତରେ ମହିଳାମାନଙ୍କର ରାଜନୀତିରେ ଭାଗିଦାରୀର ଇତିହାସ ରହିଛି। ଅନେକ ସଂଘର୍ଷ ପରେ ଧିରେ ଧିରେ ମହିଳାଙ୍କ ଭାଗିଦାରୀ ବଢ଼ିବାରେ ଲାଗିଛି। ପଞ୍ଚାୟତ ଠାରୁ ନଗରନିଗମ ପର୍ଯ୍ୟନ୍ତ ୩୩ ପ୍ରତିଶତ ଆରକ୍ଷଣ ନିଶ୍ଚିତ ଭାବରେ ମହିଳାଙ୍କ ଭାଗିଦାରୀ ବଢ଼ାଇଛି। ଗ୍ରାମାଞ୍ଚଳରେ ମଧ୍ୟ ମହିଳାଙ୍କ ନେତୃତ୍ୱ ବଢ଼ିଛି ହେଲେ ରାଷ୍ଟ୍ରୀୟ ଏବଂ ରାଜ୍ୟସ୍ତରରେ ଏ ପର୍ଯ୍ୟନ୍ତ ସ୍ଥିତି ବା ମହିଳାଙ୍କ ଭାଗିଦାରୀ ବଢିପାରିନାହିଁ। ସଂସଦରେ ମହିଳାଙ୍କ ସଂଖ୍ୟା କମ। ଏଥିରୁ ସ୍ପଷ୍ଟ ଯେ ରାଜନୈତିକ ଦଳମାନେ ମହିଳାମାନଙ୍କୁ ଅଧିକ ଗୁରୁତ୍ୱ ଦେଉନାହାଁନ୍ତି।

ଏହି ଅସନ୍ତୁଳନ ପଛରେ ଅନେକ କାରଣ ରହିଛି ଯଥା – ସାମାଜିକ ରୁଢ଼ିବାଦୀତା, ଆର୍ଥୀକ ନିର୍ଭରତା, ଶିକ୍ଷା ଏବଂ ସୁବିଧା ସୁଯୋଗର ଅଭାବ ଓ ରାଜନୀତିରେ ଅପରାଧିକରଣ ବୃଦ୍ଧି ସାଙ୍ଗକୁ ଧନବଳ। ଅନେକ କ୍ଷେତ୍ରରେ ନିର୍ବାଚନ ଲଢିବା ପାଇଁ ମହିଳାମାନଙ୍କୁ ଆବଶ୍ୟକ ସଂସାଧନ ଏବଂ ସମର୍ଥନ ମିଳି ନଥାଏ। ରାଜନୈତିକ ଦଳମାନେ ମହିଳା ମାନଙ୍କୁ ୱିନିଙ୍ଗ କ୍ୟାଣ୍ଡିଡ଼େଟ ବା ନିଶ୍ଚିତ ଭାବେ ଜିତିବା ପ୍ରାର୍ଥୀ ବୋଲି ଭାବୁନାହାଁନ୍ତି। ଟିକେଟ ବଣ୍ଟନ କ୍ଷେତ୍ରରେ ମଧ୍ୟ ରାଜନୈତିକ ଦଳମାନେ ମହିଳାଙ୍କ ସହ ଭେଦଭାବ କରୁଛନ୍ତି। ଯାହାବି ହେଉ ଏବେ ୨୦୨୩ର ମହିଳା ଆରକ୍ଷଣ ଆଇନ୍ ସରକାର କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି ତାହା ମହିଳା ମାନଙ୍କ ମନରେ ଆଶାର ସଞ୍ଚାର କରିଛି। ସଂସଦ ଓ ବିଧାନ ସଭାରେ ମହିଳାଙ୍କ ନେତୃତ୍ୱ ବଢ଼ିଲେ ନୀତି ନିର୍ମାଣରେ ସନ୍ତୁଳନ ଆସିବ।

କେବଳ ଆରକ୍ଷଣ ସମାଧାନ ନୁହେଁ। ମହିଳା ମାନଙ୍କୁ ସଶକ୍ତ କରିବା ପାଇଁ ଶିକ୍ଷା, ଆର୍ଥୀକ ସ୍ୱାଧିନତା ଏବଂ ସାମାଜିକ ବିଚାରଧାରାର ପରିବର୍ତ୍ତନ ଆବଶ୍ୟକ। ସମାଜକୁ ମଧ୍ୟ ମହିଳାଙ୍କ ନେତୃତ୍ୱକୁ ସ୍ୱୀକାର କରିବାର ମାନସିକତା ଆପଣେଇବାକୁ ପଡିବ। ଏକ ସଶକ୍ତ ଗଣତନ୍ତ୍ର ତାକୁ କୁହାଯାଏ ଯେଉଁଠାରେ ସବୁବର୍ଗର ସ୍ୱରକୁ ସମାନ ଭାବରେ ଶୁଣାଯାଏ। ମହିଳାମାନଙ୍କ ଭାଗିଦାରୀ ବଢ଼ିବା କେବଳ ସେମାନଙ୍କ ଅଧିକାର ନୁହେଁ, ଏହା ସମଗ୍ର ବିକାଶ ଏବଂ ଉତ୍ତମ ଶାସନ ବ୍ୟବସ୍ଥା ପାଇଁ ଅନିବାର୍ଯ୍ୟତା।

# ଘାଇଯାକ ମୁକୁଳା, କେତେ ବନ୍ଧ ବାନ୍ଧିବା...



ଡ଼. ମନୋଜ କୁମାର ମହାନ୍ତି
ଦର୍ଶନ ବିଭାଗୀୟ ମୁଖ୍ୟ,
ବି.ଏନ.ଏମ.ଏ,
ମହାବିଦ୍ୟାଳୟ, ଭଦ୍ରକ
ମୋ:୮୮୯୫୩୪୧୦୩୩

ସମୟଚକ୍ରରେ, ବିବର୍ତ୍ତନର ଅନ୍ତରାଳେ ମଣିଷର ଧୀରେଧୀରେ ପରିବର୍ତ୍ତନ ହେବାରେ ଲାଗିଛି। ମୌଳିକ ଆବଶ୍ୟକତା ଅର୍ଥାତ୍ ପରିମାଣଗତ ଅଭିବୃଦ୍ଧିପରେ ଜୀବନ ଏବେ ଗୁଣାତ୍ମକ ବିକାଶ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବାରେ ଲାଗିପଡ଼ିଛି। ନିଜ ଖାଦ୍ୟପେୟ, ପୋଷାକ ପରିଧାନ, ଆସବାସ ଆଦିରେ ନୂତନତା ଆଣିବାକୁ ତାର ପ୍ରୟାସ ଜାରିରହିଛି। ସେ ଚାହିଁଛି କିଛି ଭଲ ଏବଂ ଅଧିକ ଭଲ। ପରିମାର୍ଜିତ ଜୀବନ ଜୀଇଁବାସହ ନିଜ ବ୍ୟକ୍ତିତ୍ୱକୁ ଆକର୍ଷଣ କରିବାପାଇଁ ତାର ଏବେ ଆନ୍ତରିକ ଉଦ୍ୟମ। ସୁନ୍ଦର ସ୍ୱାସ୍ଥ୍ୟ କେବଳ ଆକର୍ଷଣର କେନ୍ଦ୍ରବିନ୍ଦୁ ନୁହେଁ ବରଂ ଶିକ୍ଷାଦୀକ୍ଷା ନୈତିକ ମୂଲ୍ୟବୋଧ ଅନେକ କ୍ଷେତ୍ରରେ ଆମ ବ୍ୟକ୍ତିତ୍ୱକୁ ବର୍ଦ୍ଧିତ କରିବାରେ ସାହାଯ୍ୟ କରିଛି। ସୃଷ୍ଟିର ଶ୍ରେଷ୍ଠପ୍ରାଣୀ ଏକ ସୁନ୍ଦର ପୃଥିବୀର ପରିକଳ୍ପନା ସହ ଉନ୍ନତ ପରିବେଶରେ ନିଜ ଆଚାରବିଚାର ଓ ବ୍ୟବହାରରେ କିଛି ତ୍ରୁଟିକୁ ସୁଧାରି ନିଜକୁ ଅନ୍ୟମାନଙ୍କ ସମ୍ମୁଖରେ ଉପସ୍ଥିତ ହେବାରେ ଯତ୍ନବାନ ପଛରେ ଆବଶ୍ୟକୀୟ ସଦଗୁଣକୁ କେତେକାଂଶରେ ଅନୁସରଣ କରୁଛି। କାରଣ ସଦଗୁଣ ବ୍ୟକ୍ତି ତଥା ସାମାଜିକ ଆଦର୍ଶ ଯାହା ଉଭୟ ବ୍ୟକ୍ତିର ବ୍ୟକ୍ତିତ୍ୱ ଓ ସାମାଜିକ ବିକାଶରେ ସାହାଯ୍ୟ କରେ। ବ୍ୟକ୍ତିର ବିକାଶରେ ସାମାଜିକ ବିକାଶ ସମ୍ଭବ। ଅପରପକ୍ଷେ ଅନୈତିକ କାର୍ଯ୍ୟକଳାପ ଅର୍ଥାତ୍ ଅନାଦର୍ଶରେ ଲିପ୍ତ ବ୍ୟକ୍ତି ସମାଜପାଇଁ କଳଙ୍କ। ସାମାଜିକ ଅବନତିର କାରଣ। ଆଳସ୍ୟ, ଚୋରୀ, ଶଠତା, କଳାବଜାରୀ ଓ ଦୁର୍ନୀତି ଆଦି ସାମାଜିକ ସମସ୍ୟାର କାରଣ।

ବିଶ୍ୱର ପ୍ରମୁଖ ସମସ୍ୟାରୂପେ ମୁଣ୍ଡ ଟେକିଛି ଜନ ବିସ୍ଫୋରଣ, ପ୍ରଦୂଷଣ, ଓ ଦୁର୍ନୀତି। ଏ ସମସ୍ତ ଊର୍ଦ୍ଧ୍ୱରେ ଦୁର୍ନୀତିର କରାଳ ଗର୍ଭରେ ମଣିଷ ଧୀରେଧୀରେ ଲୀନ ହେବାରେ ଲାଗିଛି। ବିଶ୍ୱର କୋଣଅନୁକୋଣରେ ଦୁର୍ନୀତିରୂପକ ବୁଢ଼ୀଆଣୀ ଜାଲରେ ପ୍ରାୟ ସମସ୍ତେ ଛନ୍ଦି ହୋଇଗଲେଣି। ଏହାର ବ୍ୟାପକତା ଦିନକୁ ଦିନ ବୃଦ୍ଧି ପାଉଛି। ଦୁର୍ନୀତି ତାର ପ୍ରଭାବ ବିସ୍ତାର କରିବାରେ ଲାଗିଛି। ଅନେକଗୁଡ଼ିଏ ଦୃଷ୍ଟାନ୍ତ ଆମ ଚତୁଃପାର୍ଶ୍ୱରେ ଦେଖିବାକୁ ମିଳୁଛି। ଟଙ୍କାପଇସା ଭିତରେ ଦୁର୍ନୀତି ତାର ମାୟାଜାଲ ମେଲେଇ ଚାଲିଛି। ଗାନ୍ଧୀମୁଣ୍ଡ ଗୋଛେଇବାରେ ସଭିଁଏ ବ୍ୟସ୍ତ। ଯେଉଁ ଗାନ୍ଧୀ ସତ୍ୟ, ଅହିଂସା, ନ୍ୟାୟକୁ ଜୀବନର ଆତ୍ମିକ ଅସ୍ତିତ୍ୱ ମନେ କରୁଥିଲେ, ସେଇ ଗାନ୍ଧୀଙ୍କ କାଗଜନୋଟ ବିନା କିଛି ହେଉନାହିଁ। ବିଶେଷକରି ସରକାରୀ କାର୍ଯ୍ୟାଳୟ ଗୁଡିକରେ ଆଜିକାଲି ବିନା ହାତଗୁଞ୍ଜାରେ କୌଣସି କାମ ଆଗକୁ ବଢ଼ିବାର ନାମ ଧରୁନି। କେନ୍ଦ୍ର ତଥା ରାଜ୍ୟସ୍ତରରେ ଦୁର୍ନୀତି ନିବାରଣ ବିଭାଗ ମାଧ୍ୟମରେ ଦୁର୍ନୀତି ରୋକିବାପାଇଁ ସରକାରବିଭାଗ ପ୍ରଚେଷ୍ଟା ଜାରି ରଖିଛନ୍ତି କିନ୍ତୁ ଯେଉଁ ଚାଉଳକୁ ସେଇ ଚାଉଳ। ସେଥିରେ ବିଶେଷ କିଛି ସଫଳତା ଦେଖିବାକୁ ମିଳୁନାହିଁ। କାଁଭା ହାତ ଗଣତିରେ କେତେ ଜଣ। କିନ୍ତୁ ଦେଶତଥା ରାଜ୍ୟ ଦୁର୍ନୀତିର ଚରମ ସୀମାରେ। ଦୁର୍ନୀତି ଆମ ରକ୍ତରେ, ଶିରା ପ୍ରଶିରାରେ ଏକଥା ଅସ୍ୱୀକାର କରିହେବନାହିଁ। ଖଜୁରୀ ଗଛର କିଗୁଣ ଗାଇବା ମୂଳରୁ ପାହାଚ ପାହାଚ। ଏଠି କମଳଯାକ ବାଳମୟ। ସଭିଏଁ ଏକକୁ ଆରକ। କେହି କାହାଠାରୁ କମ ନୁହଁନ୍ତି। ଉଚ୍ଚ ସ୍ୱରରେ ସଭିଏଁ କ୍ରନ୍ଦନରତ କିନ୍ତୁ ଦୁର୍ନୀତି କରିବାରେ ସବୁ ଧୁରନ୍ଧର। ଶାସକଗୋଷ୍ଠୀଙ୍କୁ ବିରୋଧୀ ନେତା ଦୁର୍ନୀତିଖୋର କହି ଗାଳିଗୁଲଜ କରୁଥିବାବେଳେ ନିଜ କାରନାମାକୁ ପଶୋରି ପକାନ୍ତି। ଗାଁ ୱାର୍ଡମେମ୍ବର ଠୁଁ ଆରମ୍ଭ କରି ପଞ୍ଚାୟତ ସରପଞ୍ଚ ଯାଏଁ, ଅଙ୍ଗନ ବାଡ଼ି ଦିଦିଙ୍କ ଠାରୁ ପାଚିକା, ପ୍ରାଇମେରୀ ଓ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ/ଶିକ୍ଷୟତ୍ରୀଙ୍କଠାରୁ କିରାଣୀ ପର୍ଯ୍ୟନ୍ତ, ମହାବିଦ୍ୟାଳୟ ଅଧକ୍ଷଙ୍କଠାରୁ ଡାଟା ଏଣ୍ଟ୍ରି ଅପରେଟର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତରଙ୍କଠାରୁ ମହିଳା ଓ ପୁରୁଷ ନର୍ସ, ପୋଲିସ ଥାନାର ଭାରପ୍ରାପ୍ତ ଅଧିକାରୀରୁ କନେଷ୍ଟବଳ ସବୁ ସେଇ ଗୋଟିଏ ବିଦ୍ୟାଳୟର ଛାତ୍ରଛାତ୍ରୀ। କେବଳ ମାଧ୍ୟମ ଓ ପରିମାଣ ଭିନ୍ନ ଭିନ୍ନ। କୌଣସି କାମପାଇଁ ଯେଉଁ ସରକାର ଅନୁଷ୍ଠାନ ଓ କାର୍ଯ୍ୟାଳୟ ଭିତରକୁ ପ୍ରବେଶ ପୂର୍ବରୁ ଗାନ୍ଧୀମୁଣ୍ଡକୁ ଅନେଇ ବସିଛନ୍ତି କର୍ମଚାରୀଗଣ। ଖୋଲାମେଲା କ୍ୟାମେରା ଆଗରେ କହୁଛନ୍ତି ଏତିକି ଟଙ୍କା ଦିଅ ତାପରେ ଯାଇ କଥାବାର୍ତ୍ତା। ନା ପ୍ରତିବାଦ କରିବାକୁ ନା ପ୍ରଶ୍ନ ପଚାରିବାକୁ ସେମାନେ ସୁଯୋଗ ଦେଉଛନ୍ତି। ନିଜ କାମ କେମିତି ସାରିବେ ସେଇ ଲକ୍ଷ୍ୟରେ ସଭିଁଏ। କଳେବଳେ କୌଶଳେ ନିଜ ଲାଭରେ ଆମେ। ସରକାରୀ କାର୍ଯ୍ୟାଳୟ ଓ କର୍ମଚାରୀଙ୍କ ପଛରେ କିଏ କେତେ ଦୌଡ଼ିବ। ଏକାଥରକେ କାମ ଖତମ୍। ଏ ଦେଶରେ ଲୋକଙ୍କ ପାଖରେ ଟଙ୍କାର ଅଭାବ ନାହିଁ । ପାଞ୍ଚ ପଚାଶ ବଦଳରେ ସରକାର ପାଖରୁ ଲକ୍ଷେ କୋଟିଏ ଯଦି ମାଗଣାରେ ଲାଭରେ ମିଳିପାରୁଛି ତେବେ ପଚାଶ ଶହେ ଦେବାରେ ଅସୁବିଧା ନାହିଁ କି କୁଣ୍ଠାବୋଧ ନାହିଁ। ଝାଳବୁହା ଅର୍ଥ ଦେବାରେ କଷ୍ଟ ଅନୁଭବ ହୁଏ। ବିନାଝାଳରେ ଅର୍ଜିତ ଧନ ଓ ଅର୍ଥରୁ ପାଞ୍ଚ କି ଦଶ ପ୍ରତିଶତ ଚାଲିଗଲେ ଯାଉ। ବାକି ଅର୍ଥରେ ନଣ୍ଡାନାଣ୍ଡିଙ୍କ ବାହାଘର ଭୋଜି। ଯେଉଁଠି ସମସ୍ତେ ସମସ୍ତଙ୍କୁ ଠକି ଅର୍ଥ ଉପାର୍ଜନରେ ବ୍ୟସ୍ତ ସେଠି ସଙ୍କୋଚତାର ଶ୍ରେୟ ନେଉଛି କିଏ ନା ଦେଉଛି କିଏ? ଆମେ କେଉଁଠିନା କେଉଁଠି ପରସ୍ପରକୁ ଠକି ଚାଲିଛନ୍ତି। ସେଥିପାଇଁ ହାତଗୁଞ୍ଜା ଦେବାରେ ଦ୍ୱିଧାନାହିଁ। ଶହେରୁ ଅନେଶତ ଦୁର୍ନୀତିଖୋର ତଥାପି ଆମେ ସଙ୍କୋଚ ବୋଲି ସର୍ବସାଧାରଣରେ ଦାବି କରନ୍ତି। ଏଠି ଠିକାଦାର କାମ ନେବାପାଇଁ ଆରମ୍ଭରୁ ଅଗ୍ରୀମ କିଛି ପ୍ରତିଶତ ଶାସକ ଦଳର ବିଭାଗୀୟ ନେତାଙ୍କୁ ଚାନ୍ଦା ଦେଲାପରେ ହିଁ ସରକାର କାମ କରିବାର ସୁଯୋଗ ମିଳେ। ଠିକାଦାର ଶହେ ଟଙ୍କା କାମକୁ ତିରିଶ ଚାଳିଶ ଟଙ୍କାରେ ସାରି ବାକି ନେତା ଇଞ୍ଜିନିୟର ଓ ଅଫିସର ମଧ୍ୟରେ ଭାଗବଣ୍ଟା ସରିଲା ପରେ ଆଉ ଯେତକ ମୋଟାଅଙ୍କର ବଳେ ସେଇଟା ତାର। ଏଠି ସରକାର ଅର୍ଥ ବଣ୍ଟାବଣ୍ଟିରେ ଓ ଆତ୍ମସାତରେ ବେଶୀ ଖର୍ଚ୍ଚ ହୁଏ। ସେଥିପାଇଁ ସରକାର ଯେକୌଣସି ବିଭାଗରେ ଅତିରିକ୍ତ ବଜେଟ୍ କରିବା ସ୍ୱାଭାବିକ କଥା। ସରକାର ଟଙ୍କାରେ ନାଣ୍ଡି ବାହାଘର ହେବନି ତ ଆଉ କଣ ହେବ। ସରକାରଙ୍କ ସବୁ କ୍ଷେତ୍ରରେ ସରକାର ଚାକିରିଆ ବାବୁମାନେ ଦୁର୍ନୀତିରୂପକ ଉପରିରେ ମାଲାମାଲ୍। ଏଠି ସାଧାରଣ ଜନତା ସରକାର ବାବୁମାନଙ୍କୁ ଖୁସିରେ ଲାଞ୍ଚ ଦିଅନ୍ତି। ସେଇଟା ଲାଞ୍ଚ ନୁହେଁ ବରଂ ହାତଖର୍ଚ୍ଚ। କାରଣ ପ୍ରଧାନମନ୍ତ୍ରୀ ଘର ନପାଇବା ଲୋକଟି ଯଦି ଦୁଇଲକ୍ଷ ଟଙ୍କା ଘର ବାବଦକୁ ପାଏ ତେବେ ସରକାର ବାବୁଙ୍କୁ ହାତଖର୍ଚ୍ଚ ପାଞ୍ଚ ହଜାରରୁ ଦଶ ହଜାର ଦେଲେ କଣ ମହାଭାରତ ଅଶୁଦ୍ଧ ହେଇଯାଉଛିକି। ଯଦି ପଞ୍ଚଚାଳିଶରୁ ପଚାଶ ବର୍ଷ ମଧ୍ୟରେ ପୁରୁଷ ଓ ସ୍ତ୍ରୀ ସରକାରବାବୁଙ୍କୁ ହାତଖର୍ଚ୍ଚ ଦେଇ ବାର୍ଦ୍ଧକ୍ୟ ଭତ୍ତା ପାଇବାକୁ ବିବେଚିତ ହେଉଛି ତେବେ ଅସୁବିଧା କେଉଁଠି? ଘରେ ଗାଇଗୋରୁ ନଥିବା ଲୋକଟି ସରକାର ଯୋଜନାରେ ଅନ୍ତର୍ଭୁକ୍ତ ଗାଇଗୁହାଳ ନିର୍ମାଣପାଇଁ ସରକାର ଅର୍ଥ ପାଇବା ଦୁର୍ନୀତିର ଏକ ଉଦାହରଣ। ସରକାର ଅର୍ଥକୁ ଶିଳ୍ପପତି, ନେତାମନ୍ତ୍ରୀ, ଅଫିସର, ତଳିଆ କର୍ମଚାରୀ ଏବଂ ଶ୍ରମିକଗୋଷ୍ଠୀ ତାର ଦୁରୁପଯୋଗ କରିଚାଲିଛନ୍ତି। କେବେକେବେ ନିଜର ଆବଶ୍ୟକତାକୁ ପୂରଣ କରିବା ଲକ୍ଷ୍ୟରେ ବିଭିନ୍ନ ସରକାର ଅନୁଷ୍ଠାନର କର୍ମଚାରୀମାନଙ୍କୁ ହାତଖର୍ଚ୍ଚ ଦେବାକୁ ପଡ଼େ। ଏହା ଏତେ ବ୍ୟାପକ ହୋଇଗଲାଣି ଯେ ଏହି ମହାମାରୀ ରୋଗରୁ ଆରୋଗ୍ୟ ଲାଭ କରିବା ବଡ କଷ୍ଟସାଧ୍ୟ। ସରକାର ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଦୁର୍ନୀତିରେ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଠାରୁ ପାଚିକା ପର୍ଯ୍ୟନ୍ତ ସଭିଁଏ ଜଡ଼ିତ। ଡାଲି, ସୋୟାବିନ, ଅଣ୍ଡା, ପରିବାକୁ କମ୍ ପରିମାଣରେ ରୋଷେଇ କରିବା, ସେଥିରୁ ହଳଦୀ, ଲୁଣ, ଲଙ୍କା ଗୁଣ୍ଡକୁ ଅଣ୍ଟାରେ ଲୁଚେଇବା ସହ ଭାତ ତରକାରୀକୁ ନିଜ ପରିବାର ପାଇଁ ଭରିବା ପାଚିକାର ପ୍ରଥମ କାମ। ଶିକ୍ଷକ ଶିକ୍ଷୟତ୍ରୀଙ୍କ ପାଇଁ ଆଗ ଖାଦ୍ୟ ବାଢ଼ି ରଖିବାପରେ ଆଉ ଅବଶିଷ୍ଟ ତରକାରୀ କିମ୍ବା ଡାଲମାରେ ଆବଶ୍ୟକତାଠାରୁ ଅଧିକ ଗରମ ପାଣି ମିଶାଇ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ପରିଶିବା ଦୁର୍ନୀତିର ଗୋଟେ ସୋପାନ। ଯେଉଁ ଅଙ୍ଗନବାଡ଼ି ଶିକ୍ଷୟତ୍ରୀଙ୍କ ଦାୟିତ୍ୱରେ ଅଧ୍ୟୟନରତ କୁନିକୁନି ପିଲାଙ୍କ ଅଣ୍ଡା, ଛତୁଆ, ମୁଢ଼ିମୁଆଁ, ଖେଚୁଡ଼ି ସରକାର ସ୍ତରରେ ଯୋଗାଇ ଦିଆଯାଉଛି ଉପରସ୍ଥ କର୍ମଚାରୀଙ୍କ ଠାରୁ ଦିଦି ପର୍ଯ୍ୟନ୍ତ ସେଥିରେ ପୁଣି ଭାଗବଖରା ନେବାରେ ଲାଗିପଡ଼ନ୍ତି। ପଞ୍ଚାୟତରେ ମିଳୁଥିବା ରାସନ ଚାଉଳ ଓଜନରେ ଠକେଇ। ଶେଷରେ ଡିଲର ଆଉ ସରପଞ୍ଚ ମଧ୍ୟରେ ବିକ୍ରୀବଟା କରି ଅର୍ଥ ଯୋଗାଡ କରିବା କଣ ଦୁର୍ନୀତି ନୁହେଁକି? ନିର୍ବାଚନ ପୂର୍ବ ରାତିରେ ପରିବାରର ମୁଖିଆ ମୁଣ୍ଡପିଛା ସବୁଦଳରୁ ପାଞ୍ଚଶହ ଗୋଟେଇ ଭୋଟଦେବା ସାଧାରଣ ଜନତା ପରବର୍ତ୍ତୀ ପର୍ଯ୍ୟାୟରେ ଦୁର୍ନୀତିର ସମ୍ମୁଖୀନ ହେବାକୁ ହିଁ ପଡ଼ିବ। ଯେଉଁଠି ଘାଇଯାକ ମୁକୁଳା ସେଠି କେତେ ବନ୍ଧ ଆଉ ବାନ୍ଧିବା?

# ବୁଦ୍ଧଙ୍କ ଜନ୍ମଦିନକୁ 'ବୁଦ୍ଧ ପୂର୍ଣ୍ଣିମା' କାହିଁକି କୁହାଯାଏ?



ଅସିତ ମହାନ୍ତି
ସ୍ତମ୍ଭକାର ଏବଂ ଆବାହକ,
ସୁଜନପୁର, ଯାଜପୁର
ମୋ-୯୪୩୭୨୮୮୦୨୮

ବୁଦ୍ଧ ପୂର୍ଣ୍ଣିମାକୁ 'ଧର୍ମରହିତ ଧର୍ମ'ର ଉତ୍ସବ କୁହାଯାଏ – ଏକ ଦିନ ଯେତେବେଳେ ଜନ୍ମ, ଜ୍ଞାନପ୍ରାପ୍ତି ଏବଂ ମହାପରିନିର୍ବାଣ ପୂର୍ଣ୍ଣିମା ରାତିରେ ଘଟିଥିଲା। ଏହି କାରଣରୁ ବୁଦ୍ଧଙ୍କ ଜନ୍ମଦିନକୁ 'ବୁଦ୍ଧ ପୂର୍ଣ୍ଣିମା' କୁହାଯାଏ, କାରଣ ପୂର୍ଣ୍ଣିମା ମାନବ ଚେତନାର ପୂର୍ଣ୍ଣତା ଏବଂ ଜାଗରଣର ପ୍ରତୀକ। ଗୌତମ ବୁଦ୍ଧ କେବଳ ବୌଦ୍ଧ ଧର୍ମର ପ୍ରତିଷ୍ଠାତା ନଥିଲେ, ବରଂ ଧର୍ମହୀନ ଧର୍ମର ପ୍ରବର୍ତ୍ତକ ମଧ୍ୟ ଥିଲେ। ବୁଦ୍ଧ କୌଣସି ସମ୍ପ୍ରଦାୟ ପ୍ରତିଷ୍ଠା କରିନଥିଲେ, ବରଂ ଧାର୍ମିକତାର ଶୁଦ୍ଧ ସାର ପ୍ରଦାନ କରିଥିଲେ। ବୁଦ୍ଧଙ୍କ ବାର୍ତ୍ତା ଆପୋଷ ନୁହେଁ – ସେ ସତ୍ୟ ଯେପରି ଅଛି ସେହିପରି କୁହନ୍ତି, ଶ୍ରୋତା ଏହାକୁ ବୁଝନ୍ତୁ କି ନାହିଁ। ଏହା ତାଙ୍କର କରୁଣା ଏବଂ ପବିତ୍ରତା। ବୁଦ୍ଧଙ୍କ ଜୀବନ ହେଉଛି ଧ୍ୟାନ, କରୁଣା ଏବଂ ସଚେତନତାର ପରିଣାମ।

ବୁଦ୍ଧ ପୂର୍ଣ୍ଣିମାକୁ ତ୍ରିଗୁଣ ଦିବସ କୁହାଯାଏ କାରଣ: ଜନ୍ମ: ସିଦ୍ଧାର୍ଥ ଗୌତମ ଲୁମ୍ବିନୀରେ ବୈଶାଖ ମାସର ପୂର୍ଣ୍ଣିମା ତିଥିରେ ଜନ୍ମଗ୍ରହଣ କରିଥିଲେ। ଜ୍ଞାନପ୍ରାପ୍ତି: ବର୍ଷ ବର୍ଷ ଧରି ଧ୍ୟାନ କରିବା ପରେ, ସେ ଏହି ପୂର୍ଣ୍ଣିମା ରାତିରେ ବୋଧି ବୃକ୍ଷ ତଳେ ଜ୍ଞାନ ଲାଭ କରିଥିଲେ। ମହାପରିନିର୍ବାଣ: ପ୍ରାୟ ଚାଳିଶ ବର୍ଷ ଧରି ପ୍ରଚାର କରିବା ପରେ, ସେ ଏହି ଦିନରେ ତାଙ୍କ ଶରୀର ତ୍ୟାଗ କରିଥିଲେ। ଏହିପରି, ପୂର୍ଣ୍ଣିମା ବୁଦ୍ଧଙ୍କ ଜୀବନର ତିନୋଟି ମହାନ ଘଟଣାର ସାକ୍ଷୀ ଅଟେ। ଏହି କାରଣରୁ ତାଙ୍କ ଜନ୍ମଦିନକୁ 'ପୂର୍ଣ୍ଣିମା' କୁହାଯାଏ। ଏହି ଦିନଟି କେବଳ ଏକ ଐତିହାସିକ ସ୍ମୃତି ନୁହେଁ, ବରଂ ଆତ୍ମ-ଜାଗରଣ ଏବଂ କରୁଣାର ନିମନ୍ତ୍ରଣ। ପୂର୍ଣ୍ଣଚନ୍ଦ୍ର ପୂର୍ଣ୍ଣତା ଏବଂ ଶାନ୍ତିର ପ୍ରତୀକ। ଯେପରି ଚନ୍ଦ୍ର ଅନ୍ଧକାରକୁ ଦୂର କରେ, ସେହିପରି ବୁଦ୍ଧଙ୍କ ବାର୍ତ୍ତା ଅଜ୍ଞତା ଏବଂ ଦୁଃଖକୁ ଦୂର କରେ, ଜାଗରଣର ଆଲୋକ ବିସ୍ତାର କରେ। ବୁଦ୍ଧ ମାନବଜାତିକୁ ପରିପକ୍ୱତା ଆଡ଼କୁ ନେଇଯାଇଥିଲେ – ସେ ଦେଖାଇଥିଲେ ଯେ ଧର୍ମ ଏକ ପ୍ରତିଷ୍ଠାନ ନୁହେଁ, ବରଂ ଆନ୍ତରିକ କରୁଣା ଏବଂ ଧ୍ୟାନର ଏକ ଅଭିଜ୍ଞତା। ବୁଦ୍ଧ ପୂର୍ଣ୍ଣିମା ପାଳନ କେବଳ ଏକ ଜନ୍ମଦିନ ନୁହେଁ, ବରଂ ଜାଗରଣର ଏକ ପର୍ବ। ବୁଦ୍ଧଙ୍କ ପଥ ବାହ୍ୟ ଧର୍ମର ନୁହେଁ, ବରଂ ଆନ୍ତରିକ ଚେତନାର। ଏହି ଦିନ, ଧ୍ୟାନ, ନୀରବତା ଏବଂ କରୁଣା ମାଧ୍ୟମରେ, ଆମେ ଆମ ଜୀବନରେ ସେହି ସମାନ ଆଲୋକ ଆଣିପାରିବା ଯାହା ପୂର୍ଣ୍ଣିମା ରାତିରେ ବୋଧି ବୃକ୍ଷ ତଳେ ଦେଖାଯାଇଥିଲା। ବୁଦ୍ଧଙ୍କ ଦର୍ଶନ କେବଳ ଧର୍ମର ଶିକ୍ଷା ନୁହେଁ, ବରଂ ଜୀବନଯାପନର ଏକ କଳା। ସେ କରୁଣା, ଅହିଂସା ଏବଂ ସମାନତାକୁ ମାନବତାର ମୂଳଦୁଆ କରିଥିଲେ। ତାଙ୍କ ଚିନ୍ତାଧାରା ସମାଜରେ ପ୍ରଚଳିତ ଭେଦଭାବ ଏବଂ ହିଂସାକୁ ଚ୍ୟାଲେଞ୍ଜ କରିଥିଲା ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କୁ ବିଶ୍ୱାସ କରାଇଥିଲା ଯେ ପ୍ରକୃତ ସ୍ୱାଧୀନତା କେବଳ ଆତ୍ମ-ସାକ୍ଷାତ ଦ୍ୱାରା ହାସଲ କରାଯାଇପାରିବ।

କିନ୍ତୁ ଏଠାରେ ପ୍ରଶ୍ନ ଉଠେ ଯେ ବୌଦ୍ଧ ଧର୍ମ ଏତେ ପ୍ରଗତିଶୀଳ ହେବା ସତ୍ତ୍ୱେ, ଭାରତରେ କିପରି ଲୋପ ପାଇଲା? ଭାରତରେ ବୌଦ୍ଧ ଧର୍ମ ହଠାତ୍ ଲୋପ ହୋଇନଥିଲା – ସାମାଜିକ, ରାଜନୈତିକ ଏବଂ ସାଂସ୍କୃତିକ କାରଣଗୁଡ଼ିକର ମିଶ୍ରଣ ଯୋଗୁଁ ଏହା ୭ମ ଏବଂ ୧୨ଶ ଶତାବ୍ଦୀ ମଧ୍ୟରେ ଧୀରେ ଧୀରେ ହ୍ରାସ ପାଇଥିଲା। ଏହା ଗୋଟିଏ ଗୋଷ୍ଠୀ ଦ୍ୱାରା ନଷ୍ଟ ହୋଇନଥିଲା, ବରଂ ଆଭ୍ୟନ୍ତରୀଣ ଚ୍ୟାଲେଞ୍ଜ, ହିନ୍ଦୁ ପରମ୍ପରାର ପୁନରୁତ୍ଥାନ ଏବଂ ବାହ୍ୟ ଆକ୍ରମଣ ଦ୍ୱାରା ଦୁର୍ବଳ ହୋଇଯାଇଥିଲା। ଅଶୋକ ଏବଂ କୁଶାଣଙ୍କ ପରି ପ୍ରାରମ୍ଭିକ ଶାସକମାନେ ବୌଦ୍ଧ ଧର୍ମକୁ ଦୃଢ଼ ଭାବରେ ସମର୍ଥନ କରିଥିଲେ। କିନ୍ତୁ ଗୁପ୍ତ ସାମ୍ରାଜ୍ୟ (ଖ୍ରୀଷ୍ଟ ଚତୁର୍ଥ-ଷଷ୍ଠ ଶତାବ୍ଦୀ) ପରେ, ଅଧିକାଂଶ ରାଜା ସେମାନଙ୍କର ପୃଷ୍ଠପୋଷକତା ହିନ୍ଦୁ ମନ୍ଦିର ଏବଂ ବ୍ରାହ୍ମଣ ପରମ୍ପରାକୁ ସ୍ଥାନାନ୍ତର କରିଥିଲେ। ହିନ୍ଦୁ ଧର୍ମ ଅନେକ ବୌଦ୍ଧ ଧାରଣା (କରୁଣା, ଅହିଂସା, ଭକ୍ତି) ଗ୍ରହଣ କରିଥିଲା ଏବଂ ରୀତିନୀତି, ଦେବତା ଏବଂ ପର୍ବ ପ୍ରଦାନ କରିଥିଲା ଯାହା ଜନସାଧାରଣଙ୍କୁ ଅଧିକ ଆକର୍ଷିତ କରିଥିଲା। ସମୟ ସହିତ, ବୌଦ୍ଧ ଧର୍ମ ହିନ୍ଦୁ ସମୂହରେ ପୁନଃ ସମାହିତ ହୋଇଥିଲା। ନାଳନ୍ଦା ଏବଂ ବିକ୍ରମଶିଳା ଭଳି ମହାନ କେନ୍ଦ୍ରଗୁଡ଼ିକ ବ୍ୟବସାୟୀ ଏବଂ ରାଜାମାନଙ୍କ ଦାନ ଉପରେ ନିର୍ଭର କରୁଥିଲେ। ବାଣିଜ୍ୟ ପଥ ସ୍ଥାନାନ୍ତରିତ ହେବା ଏବଂ ରାଜନୈତିକ ଅସ୍ଥିରତା ବୃଦ୍ଧି ପାଇବା ସହିତ, ପାଣ୍ଠି ଶୁଖିଗଲା, ମଠଗୁଡ଼ିକୁ ଦୁର୍ବଳ କରିଦେଲା। ସାଧାରଣ ଲୋକଙ୍କଠାରୁ ଜଟିଳତା ଏବଂ ଦୂରତା – ବୌଦ୍ଧ ଧର୍ମ ଅତ୍ୟନ୍ତ ଶିକ୍ଷାଭିତ୍ତିକ ହୋଇଗଲା, ବିସ୍ତୃତ ଦର୍ଶନ ଏବଂ ମଠ ନିୟମ ସହିତ। ଏହି ସମୟରେ, ହିନ୍ଦୁ ଧର୍ମ ସରଳ ଭକ୍ତି ଅଭ୍ୟାସ ପ୍ରଦାନ କଲା ଯାହା ଗ୍ରାମୀଣ ସମ୍ପ୍ରଦାୟ ସହିତ ପ୍ରତିଧ୍ୱନିତ ହେଲା। ତୁର୍କୀ ଏବଂ ଇସଲାମିକ ଆକ୍ରମଣ – ଦ୍ୱାଦଶ ଶତାବ୍ଦୀରେ, ବଖତିଆର ଖିଲଜୀଙ୍କ ନେତୃତ୍ୱରେ ଆକ୍ରମଣ ନାଳନ୍ଦା ଏବଂ ଅନ୍ୟାନ୍ୟ ମଠଗୁଡ଼ିକୁ ଧ୍ୱଂସ କଲା। ଏହା ଏକ କଠୋର ଆଘାତ ଥିଲା।

ଭାରତରେ ବୌଦ୍ଧ ଧର୍ମକୁ କିଏ 'ସମାପ୍ତ' କରିଥିଲା? – କୌଣସି ଗୋଟିଏ ଗୋଷ୍ଠୀ ବୌଦ୍ଧ ଧର୍ମକୁ 'ସମାପ୍ତ' କରିନଥିଲା; ବରଂ, ବହୁ ଶକ୍ତି ଯୋଗଦାନ କରିଥିଲା: ହିନ୍ଦୁ ପୁନରୁତ୍ଥାରବାଦୀ: ବୌଦ୍ଧ ଅଭ୍ୟାସଗୁଡ଼ିକୁ ପୁନଃଅବଶୋଷଣ କରି ଏବଂ ଦୃଢ଼ ସାଂସ୍କୃତିକ ପରିଚୟ ପ୍ରଦାନ କରି, ହିନ୍ଦୁ ଧର୍ମ ବୌଦ୍ଧ ଧର୍ମକୁ ଛାଇ ଦେଇଥିଲା। ରାଜନୈତିକ ପରିବର୍ତ୍ତନ: ରାଜାମାନେ ପୃଷ୍ଠପୋଷକତା ପ୍ରତ୍ୟାହାର କରି, ବୌଦ୍ଧ ଅନୁଷ୍ଠାନଗୁଡ଼ିକୁ ଦୁର୍ବଳ କରିଦେଲେ। ତୁର୍କୀ ଆକ୍ରମଣକାରୀ: ସାମରିକ ଅଭିଯାନ ମଠଗୁଡ଼ିକୁ ନଷ୍ଟ କରିଦେଲା, ପତନକୁ ତ୍ୱରାନ୍ୱିତ କଲା। ଆଭ୍ୟନ୍ତରୀଣ ଦୁର୍ବଳତା: ଶିକ୍ଷାଭିତ୍ତିକ ବିଚ୍ଛିନ୍ନତା ଏବଂ ତୃଣମୂଳ ସ୍ତରରେ ଆକର୍ଷଣର ଅଭାବ ବୌଦ୍ଧ ଧର୍ମକୁ ଦୁର୍ବଳ କରିଦେଲା। ହିନ୍ଦୁ ଧର୍ମ କାହିଁକି ଭାରତରେ ବୌଦ୍ଧ ଧର୍ମକୁ ଛାଇ ପକାଇଲା? ସାଧାରଣ ଉତ୍ପତ୍ତି କିନ୍ତୁ ଭିନ୍ନ ପଥ – ଉଭୟ ଧର୍ମ ସମାନ ସାଂସ୍କୃତିକ ମାଟିରୁ ଉତ୍ପନ୍ନ ହୋଇଥିଲା। ବୌଦ୍ଧ ଧର୍ମ ବେଦ ଏବଂ ଜାତି ପଦାନୁକ୍ରମର ଅଧିକାରକୁ ପ୍ରତ୍ୟାଖ୍ୟାନ କରିଥିଲା, ଯେତେବେଳେ ହିନ୍ଦୁ ଧର୍ମ ସେଗୁଡ଼ିକୁ ବଜାୟ ରଖିଥିଲା। ସମୟ ସହିତ, ହିନ୍ଦୁ ସଂସ୍କାର ଆନ୍ଦୋଳନ (ଭକ୍ତି ପରି) ମୂଳ ସାମାଜିକ ଗଠନକୁ ପ୍ରତ୍ୟାଖ୍ୟାନ ନକରି ଆଧ୍ୟାତ୍ମିକ ମୁକ୍ତି ପ୍ରଦାନ କରିଥିଲା, ଯାହା ସେଗୁଡ଼ିକୁ ସଂଖ୍ୟାଗରିଷ୍ଠଙ୍କ ପାଇଁ ଅଧିକ ଗ୍ରହଣୀୟ କରିଥିଲା। ଦେବତା ଏବଂ ରୀତିନୀତିର ଆହ୍ୱାନ – ହିନ୍ଦୁ ଧର୍ମ ବ୍ୟକ୍ତିଗତ ଦେବତା (ଶିବ, ବିଷ୍ଣୁ, ଦେବୀ), ପର୍ବ ଏବଂ ରୀତିନୀତି ପ୍ରତି ଭକ୍ତି ଉପରେ ଗୁରୁତ୍ୱ ଦେଇଥିଲା। ବୌଦ୍ଧ ଧର୍ମର କଠୋର ମଠ ଜୀବନ ଏବଂ ବ୍ୟକ୍ତିଗତ ଦେବତାର ଅନୁପସ୍ଥିତି ଗ୍ରାମୀଣ ସମ୍ପ୍ରଦାୟ ପାଇଁ କମ୍ ସୁଗମ ଅନୁଭବ କରିଥିଲା। ଦାର୍ଶନିକ ପ୍ରତିଯୋଗିତା – ଅଦ୍ୱୈତ ବେଦାନ୍ତ, ନ୍ୟାୟ ଏବଂ ମୀମାଂସା ପରି ହିନ୍ଦୁ ବିଦ୍ୟାଳୟ ବୌଦ୍ଧ ବିଦ୍ୱାନମାନଙ୍କ ସହିତ ବୌଦ୍ଧିକ ବିତର୍କରେ ସାମିଲ ହୋଇଥିଲେ। ୮ମ ଶତାବ୍ଦୀ ସୁଦ୍ଧା, ଆଦି ଶଙ୍କରାଚାର୍ଯ୍ୟଙ୍କ ପରି ଚିନ୍ତାନାୟକମାନେ ବୌଦ୍ଧ ସିଦ୍ଧାନ୍ତ ବିରୁଦ୍ଧରେ ଯୁକ୍ତି କରିଥିଲେ, ଯାହା ହିନ୍ଦୁ ଦାର୍ଶନିକ ପ୍ରାଧାନ୍ୟକୁ ସୁଦୃଢ଼ କରିଥିଲା। ବୌଦ୍ଧ ଅଭ୍ୟାସର ଅବଶୋଷଣ – ଅହିଂସା (ଅହିଂସା), ଧ୍ୟାନ ଏବଂ କରୁଣା ପରି ଧାରଣା ହିନ୍ଦୁ ପରମ୍ପରାରେ ଏକୀକୃତ ହୋଇଥିଲା। ଏହା ବୌଦ୍ଧ ଧର୍ମକୁ କମ୍ ସ୍ୱଷ୍ଟ କରିଦେଇଥିଲା, କାରଣ ଏହାର ଶିକ୍ଷାଗୁଡ଼ିକୁ ବୃହତ ହିନ୍ଦୁ ସ୍ତରର ଅଂଶ ଭାବରେ ଦେଖାଯାଉଥିଲା। ସାମାଜିକ ଏକୀକରଣ – ବୌଦ୍ଧ ଧର୍ମର ମଠ ନିୟମ ପ୍ରାୟତଃ ସନ୍ନ୍ୟାସୀମାନଙ୍କୁ ସାଧାରଣ ସମାଜରୁ ପୃଥକ କରିଥିଲା। ବିପରୀତରେ, ହିନ୍ଦୁ ଧର୍ମ ଗୃହସ୍ଥମାନଙ୍କୁ ଧାର୍ମିକ ଜୀବନରେ ସମ୍ପୂର୍ଣ୍ଣ ଭାବରେ ଅଂଶଗ୍ରହଣ କରିବାକୁ ଅନୁମତି ଦେଇଥିଲା। ଏହି ଏକୀକରଣ ହିନ୍ଦୁ ଧର୍ମକୁ ଏକ ଦୃଢ଼ ତୃଣମୂଳ ଭିତ୍ତିଭୂମି ଦେଇଥିଲା। ଯଦିଓ ଭାରତରେ ବୌଦ୍ଧ ଧର୍ମର ଅବନତି ଘଟିଥିଲା, ଏହା ବିଦେଶରେ ସମୃଦ୍ଧ ହୋଇଥିଲା – ଶ୍ରୀଲଙ୍କା, ତିବ୍ବତ, ଚୀନ୍, ଜାପାନ ଏବଂ ଦକ୍ଷିଣ ପୂର୍ବ ଏସିଆରେ। ଆଜି ମଧ୍ୟ ଭାରତ ବୋଧଗୟା, ସାରନାଥ ଏବଂ ନାଳନ୍ଦା ଭଳି ସ୍ଥାନରେ ଏହାର ବୌଦ୍ଧ ଐତିହ୍ୟକୁ ସମ୍ମାନ କରେ ଏବଂ ଆଧୁନିକ ପୁନରୁତ୍ଥାର ଆନ୍ଦୋଳନ (ଯଥା, ଆମ୍ବେଦକରଙ୍କ ନବଯାନ ବୌଦ୍ଧ ଧର୍ମ) ଏହାର ସ୍ଥାୟୀ ପ୍ରାସଙ୍ଗିକତା ଦେଖାଏ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ସିଏସକେକୁ ବଡ଼ ଝଟ୍‌କା : ଡେବ୍ୟୁ ମ୍ୟାଚ୍‌ରେ ଆହତ ରାମାକ୍ରିଷ୍ଣ ଆଇପିଏଲରୁ ଆଉଟ୍

**ନୂଆଦିଲ୍ଲୀ**



ଚେନ୍ନାଇ ଦଳରେ ଆହତ ଖେଳାଳିଙ୍କ ତାଲିକା ଲମ୍ବି ଚାଲିଛି । ଷ୍ଟାର ମହେନ୍ଦ୍ର ସିଂହ ଧୋନି, ଓପନର ଆୟୁଷ ମାହତ୍ରେ, ପେସ୍ ବୋଲର ଖଲିଲ ଅହମ୍ମଦ, ନାଥାନ ଏଲିସ୍ ପରେ ଯୁବ ଅଲରାଉଣ୍ଡର ରାମକ୍ରିଷ୍ଣ ଘୋଷ ମଧ୍ୟ ଆହତ ହୋଇ ଆଇପିଏଲ୍‌ରୁ ବାଦ୍ ପଡ଼ିଛନ୍ତି । ସେ ଗତ ୨ ତାରିଖରେ ମୁମ୍ବାଇ ବିପକ୍ଷ ମ୍ୟାଚ୍‌ରେ ପଦାର୍ପଣ କରିଥିଲେ । ଏହି ମ୍ୟାଚ୍ ବେଳେ ତାଙ୍କ ଡାହାଣ ପାଦ ହାଡ଼ ଭାଙ୍ଗି ଯାଇଥିଲା । ସେ ୩ ଓଭର ବୋଲିଂ କରି ଗୋଟିଏ ୱିକେଟ୍ ନେଇଥିଲେ । ମାତ୍ର ଗୋଟିଏ ମ୍ୟାଚ୍ ମଧ୍ୟରେ ତାଙ୍କ ଆଇପିଏଲ୍ ଅଭିଯାନ ଶେଷ ହୋଇଛି । ଖୁବ୍‌ଶୀଘ୍ର ତାଙ୍କ ସ୍ଥାନରେ ବଦଳ ଖେଳାଳି ସାମିଲ କରାଯିବ ବୋଲି ମୁଖ୍ୟ କୋଚ୍ ଷ୍ଟିଫେନ୍ ଫ୍ଲେମିଙ୍ଗ୍ ପ୍ରକାଶ କରିଛନ୍ତି । ଭେଟେରାନ ମହେନ୍ଦ୍ର ସିଂହ ଧୋନି ମଧ୍ୟ ଆହତ ଅଛନ୍ତି । ସେ ଏପର୍ଯ୍ୟନ୍ତ ଫିଟ୍ ହୋଇନାହାନ୍ତି । ଦଳରେ ଆହତ ପ୍ଲେୟାରଙ୍କ ସଂଖ୍ୟା ବୃଦ୍ଧି ପାଇବା ଚିନ୍ତାର କାରଣ ହୋଇଛି ।

ମୁମ୍ବାଇ ବିପକ୍ଷରେ ଚେନ୍ନାଇ ସୁପର କିଙ୍ଗସ ବିଜୟ ପାଣିଚିଆ ହୋଇଛି । ଚେନ୍ନାଇର ଷ୍ଟାର ଅଲରାଉଣ୍ଡର ରାମକ୍ରିଷ୍ଣ ବାଦ ପଡିଛନ୍ତି । ମ୍ୟାଚ୍ ଆରମ୍ଭରେ ଘୋଷ ୱିଲ୍ ଜ୍ୟାକ୍ସଙ୍କ କ୍ୟାଚ୍ ନେବା ପାଇଁ ଡାଇଭ୍ ମାରିଥିଲେ । ନମନଙ୍କ ବିପକ୍ଷରେ ତାଙ୍କର ପ୍ରଥମ ବଲ୍ ବୋଲିଂ କରିବା ପରେ ସେ ତାଙ୍କ ଫଲୋ ଥ୍ରୁରେ ପଡ଼ି ଯାଇଥିଲେ । ଚେନ୍ନାଇର ସେ ଅଲରାଉଣ୍ଡର ପ୍ଲେୟାର ସେ ବାଦ ପଡିବା ଦଳ ପାଇଁ ଚିନ୍ତାର ବିଷୟ ହୋଇଛି । ଚଳିତ ଆଇପିଏଲ ସିଜିନରେ ନୈରାଶ୍ୟଜନକ ଆରମ୍ଭ କରିଥିବା ଚେନ୍ନାଇ ସୁପର କିଙ୍ଗ୍‌ସ ଅଧିନାୟର ଋତୁରାଜ ଭଲ ପ୍ରଦର୍ଶନ କରିଥିଲେ । ଅପରାଜିତ ୭୪ ଏବଂ ୬୭ ରନ କରିଥିଲେ । ଚେନ୍ନାଇ ୯ଟି ମ୍ୟାଚ୍‌ରୁ ୪ଟି ଜିତିଛି । ୮ ପଏଣ୍ଟ ସହ ଟେବୁଲର ଷଷ୍ଠ ସ୍ଥାନରେ ରହିଛି ସୁପର କିଙ୍ଗ୍‌ସ ।

# ଆଇପିଏଲରେ 'ଗଲଫ୍ରେଣ୍ଡ କଲଚର' ଉପରେ ପୂର୍ଣ୍ଣଚ୍ଛେଦ ପକାଇବ ବିସିସିଆଇ !

**ନୂଆଦିଲ୍ଲୀ**

ଆଇପିଏଲ ୨୦୨୬ ଭିତରେ ବିସିସିଆଇ ଏକ କଠୋର ନୂତନ ନିୟମ ଲାଗୁ କରିବାକୁ ନିଷ୍ପତ୍ତି ନେଇଛି । ଟୁର୍ଣ୍ଣାମେଣ୍ଟ ସମୟରେ ଅନେକ ଖେଳାଳି ସେମାନଙ୍କ ପ୍ରେମିକାଙ୍କ ସହ ଦେଖାଯାଉଛନ୍ତି ଏବଂ ସେମାନଙ୍କ ସହିତ ହୋଟେଲରେ ରହୁଛନ୍ତି । ବିସିସିଆଇ ଏହାର ପ୍ରମୁଖ ଟୁର୍ଣ୍ଣାମେଣ୍ଟ ସମୟରେ କୌଣସି ବିବାଦକୁ ଆମନ୍ତ୍ରଣ କରିବାକୁ ଚାହୁଁନାହିଁ । ଏହି କାରଣରୁ, ସେମାନେ 'ଗଲଫ୍ରେଣ୍ଡ କଲଚର' ସମ୍ପର୍କରେ କଠୋର ନିୟମ ପ୍ରଣୟନ କରିବାକୁ ନିଷ୍ପତ୍ତି ନେଇଛନ୍ତି ।

ଆଇପିଏଲ ୨୦୨୬ରେ, ଅନେକ ଖେଳାଳିଙ୍କୁ ସେମାନଙ୍କ ପ୍ରେମିକାଙ୍କ ସହ ଦେଖିବାକୁ ମିଳୁଛି । ଖେଳାଳିମାନେ କେବଳ ସେମାନଙ୍କ ପ୍ରେମିକାଙ୍କ ସହିତ ବାହାରେ ଏବଂ ଏଣେତେଣେ ଦେଖାଯାଉ ନାହାନ୍ତି, ବରଂ କେତେକ ସେମାନଙ୍କ ସହିତ ସେମାନଙ୍କ ହୋଟେଲରେ ମଧ୍ୟ



ରହୁଛନ୍ତି । କିଛି ଖେଳାଳିଙ୍କ ପ୍ରେମିକା ମ୍ୟାଚ୍ ଦେଖିବା ଏବଂ ଖେଳ ପରେ ସେମାନଙ୍କ ସହିତ କଥାବାର୍ତ୍ତା କରିବା ପାଇଁ ଷ୍ଟାଡିୟମ ଭିତରକୁ ମଧ୍ୟ ଆସୁଛନ୍ତି । ଏକ ରିପୋର୍ଟ ଅନୁଯାୟୀ, ବିସିସିଆଇ 'ଗଲଫ୍ରେଣ୍ଡ କଲଚର' ସମ୍ପର୍କରେ କଠୋର ନିୟମ ଲାଗୁ କରିବାକୁ ଯାଉଛି । ବିସିସିଆଇର ଜଣେ ଅଧିକାରୀ କହିଛନ୍ତି ଯେ ଆଗାମୀ ବୈଠକରେ ଏହି ବିଷୟ ଉପରେ ଆଲୋଚନା କରାଯିବ । ରିପୋର୍ଟ ଅନୁଯାୟୀ, ଖେଳାଳିମାନେ ସେମାନଙ୍କ ପତ୍ନୀ କିମ୍ବା ପରିବାର ସହିତ ହୋଟେଲରେ ରହିବା ଉପରେ ବିସିସିଆଇର କୌଣସି ଆପତ୍ତି ନାହିଁ; ତଥାପି, ସେମାନେ ପ୍ରେମିକାଙ୍କ ସମ୍ପର୍କରେ କଠୋର ମନୋଭାବ ଗ୍ରହଣ କରିବାକୁ ଚାହୁଁଛନ୍ତି ।

ରିପୋର୍ଟ ଅନୁଯାୟୀ, କୌଣସି ବଡ଼ ଭୁଲ ହେବା ପୂର୍ବରୁ 'ଗଲଫ୍ରେଣ୍ଡ କଲଚର' ସମ୍ପର୍କରେ ନିୟମ ପ୍ରଣୟନ କରିବାକୁ ବିସିସିଆଇ ଚାହୁଁଛି । ପ୍ରକୃତରେ, ଅନେକ ଖେଳାଳି ସୋସିଆଲ ମିଡିଆ ପ୍ରଭାବଶାଳୀଙ୍କ ସହିତ ଡେଟ୍ କରୁଛନ୍ତି ଯେଉଁମାନେ ପୂର୍ବରୁ ବେଟିଂ ୱେବସାଇଟ୍ ପ୍ରୋତ୍ସାହିତ କରିଛନ୍ତି । ଏହା ବ୍ୟତୀତ, କିଛି ଖେଳାଳିଙ୍କ ବିରୁଦ୍ଧରେ ସେମାନଙ୍କ ପ୍ରେମିକାଙ୍କ ଦ୍ୱାରା ଆଇନଗତ ମାମଲା ଦାୟର କରାଯାଇଛି । ରିପୋର୍ଟରେ କୁହାଯାଇଛି ଯେ ବିସିସିଆଇ ଏହାର ଦୁର୍ନୀତି ନିବାରଣ କମିଟି ସହିତ ମିଶି ଆଇପିଏଲରେ 'ଗଲଫ୍ରେଣ୍ଡ କଲଚର' ସମ୍ପର୍କରେ ନିୟମ ପ୍ରଣୟନ କରିବାକୁ ନିଷ୍ପତ୍ତି ନେଇଛି । ଏହି ନିୟମଗୁଡ଼ିକ ଆଇପିଏଲର ପରବର୍ତ୍ତୀ ସିଜିନରୁ କାର୍ଯ୍ୟକାରୀ ହୋଇପାରେ ।

# ପ୍ରଥମ ଥର ପାଇଁ ଅଧିନାୟକ ରୂପେ ପିଏସ୍ଏଲ୍ ଜିତିଲେ ବାବର

**ଲାହୋର**

ପ୍ରଥମ ଥର ପାଇଁ ପାକିସ୍ତାନୀ କ୍ରିକେଟର ବାବର ଆଜମଙ୍କ ନେତୃତ୍ୱାଧୀନ ଏକ ଦଳ ପିଏସ୍ଏଲ୍ ଚାମ୍ପିଅନ ହୋଇଛି । ଲାହୋରସ୍ଥିତ ଗଦ୍ଦାଫି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଫାଇନାଲ୍ ମ୍ୟାଚ୍‌ରେ ହାଇଦ୍ରାବାଦ କିଙ୍ଗସମ୍ୟାନକୁ ୫ ୱିକେଟ୍‌ରେ ପରାସ୍ତ କରିଛି ବାବରଙ୍କ ନେତୃତ୍ୱାଧୀନ ପେଶାୱର ଜାଲମୀ । ଏହି ମ୍ୟାଚ୍‌ରେ ବାବର ଖାତା ଖୋଲିପାରିନଥିଲେ ବି ତାଙ୍କ ଦଳ ବିଜୟୀ ହୋଇଥିଲା ।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ଥିବା ପେଶାୱର ୧୮ ଓଭରରେ ୧୨୯ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ଏହି ଲକ୍ଷ୍ୟକୁ ପେଶାୱର ଆରନ୍ ହାର୍ଡିଙ୍କ ଅର୍ଦ୍ଧଶତକ ଓ ଅବ୍ଦୁଲ ସମଦଙ୍କ ୪୮ ରନ୍ ବଳରେ ୧୫.୨ ଓଭରରେ ୫ ୱିକେଟ୍ ହରାଇ ହାସଲ କରିନେଇଥିଲା ।

ତେବେ ବ୍ୟକ୍ତିଗତ ଭାବେ ବାବର ଏକ ପିଏସଏଲ୍ କୀର୍ତ୍ତିମାନରୁ ଅଳ୍ପକେ ବଞ୍ଚିତ ହୋଇଛନ୍ତି । ମାତ୍ର ୧ ରନ୍ କରିଥିଲେ ସେ ଗୋଟିଏ ପିଏସଏଲ୍ ଋତୁରେ ସର୍ବାଧିକ ରନ୍ ସ୍କୋର କରିବାର ରେକର୍ଡ ନିଜ ନାଁରେ କରିଥାନ୍ତେ । ଫକର ଜମାନ ୨୦୨୨ରେ ଲାହୋର କଲନ୍ଦର ପାଇଁ ଖେଳି ୫୮୮ ରନ୍ କରିଥିଲେ । ବାବର ମଧ୍ୟ ଚଳିତ ଋତୁରେ ୫୮୮ ରନ୍ କରିଛନ୍ତି ।



# ରାଜ୍ୟ ଉପକନିଷ୍ଠ ବାଳକ ହକି : ଆରଏସ୍‌ପି ବିଜେତା

**ରାଉରକେଲା**

ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ଉପକନିଷ୍ଠ ବାଳକ ହକି ପ୍ରତିଯୋଗିତାରେ ରାଉରକେଲା ଇସ୍ପାତ କାରଖାନା (ଆରଏସ୍‌ପି) ଚାମ୍ପିଅନ ହୋଇଛି । ଆରଏସ୍‌ପି ୨-୦ ଗୋଲ୍‌ରେ ସୁନ୍ଦରଗଡ଼କୁ ପରାସ୍ତ କରିଛି । ସେହିଭଳି ଗାଙ୍ଗପୁର ହକି ଆସୋସିଏସନକୁ ସିଧାସଳଖ ୫-୦ ଗୋଲ୍‌ରେ ପରାସ୍ତକରି ଢେଙ୍କାନାଳ ତୃତୀୟ ସ୍ଥାନରେ ରହିଛି ।




ରବିବାର ସନ୍ଧ୍ୟାରେ ଆରଏସ୍‌ପି ଓ ସୁନ୍ଦରଗଡ଼ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା । ପ୍ରଥମ କ୍ୱାର୍ଟରରେ ଉଭୟ ଦଳର ଖେଳାଳି ଜୋରଦାର ପ୍ରୟାସ କରିଥିଲେ ମଧ୍ୟ ଗୋଲ୍‌ଶୂନ୍ୟ ରହିଥିଲା । ତେବେ ୨୬ତମ ମିନିଟ୍‌ରେ ଆରଏସ୍‌ପିକୁ ଏକ ପେନାଲ୍‌ଟି କର୍ଣ୍ଣର ସୁଯୋଗ ମିଳିଥିଲା । ଏହାକୁ ଅଧିନାୟକ ଲାଜରୁସ ଧନୱାର ହାତଛଡ଼ା ନ କରି ଗୋଲ୍‌ରେ ପରିଣତକରି ଦଳକୁ ୧-୦ ଗୋଲ୍‌ରେ ଆଗୁଆ କରିଥିଲେ । ୩୯ତମ ମିନିଟ୍‌ରେ ସୁମନ କିଣ୍ଡୋ ଏକ ଆକର୍ଷଣୀୟ ଫିଲ୍ଡ ଗୋଲ୍ ଦେଇ ବ୍ୟବଧାନକୁ ୨-୦ ଗୋଲକୁ ପହଞ୍ଚାଇଥିଲେ । ଶେଷ କ୍ୱାର୍ଟରରେ ସୁନ୍ଦରଗଡ଼ ପ୍ରତ୍ୟାବର୍ତ୍ତନ ପ୍ରୟାସ କରିଥିଲେ ମଧ୍ୟ ତାହା ବିଫଳ ହେବାରୁ ପରାଜୟ ଭୋଗିଥିଲା । ଅଜିତ ଏକ୍କା ଓ ଅଭିଷେକ ପ୍ରଶାନ୍ତ ତିର୍କୀ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଆୟୁଷ ସ', ଭୂଷଣ ଲୁଗୁନ ସହଯୋଗ କରିଥିଲେ ।

ସୁନ୍ଦରଗଡ଼ର ସନ୍ଦୀପ କେର୍କେଟା ଫାଇନାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି, ଆରଏସ୍‌ପିର ଲାଜରୁସ ଧନୱାର ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି, ସାରୋନ ହେମ୍ବ୍ରମ୍ (ସୁନ୍ଦରଗଡ଼) ଶ୍ରେଷ୍ଠ ଡିଫେଣ୍ଡର, ରୋହିତ ଓରାମ (ଢେଙ୍କାନାଳ) ଶ୍ରେଷ୍ଠ ମିଡ୍‌ଫିଲ୍ଡର, ସୁମନ କିଣ୍ଡୋ (ଆରଏସ୍‌ପି) ଶ୍ରେଷ୍ଠ ଫରୱାର୍ଡ଼ର, ଆଦିତ୍ୟ ଗୌଡ଼ (ଆରଏସ୍‌ପି) ଶ୍ରେଷ୍ଠ ଗୋଲ୍‌କିପର ଭାବେ ପୁରସ୍କୃତ ହୋଇଛନ୍ତି । ପୁରସ୍କାର ବିତରଣୀ ଉତ୍ସବରେ ଆରଏସ୍‌ପିର ସିଜିଏମ୍ ଟି.ଜି. କାନେକର, ଏନ୍‌ଆଇଟିର ପ୍ରଫେସର ରାଜୀବ ପଣ୍ଡା, ରାଜ୍ୟ କ୍ରୀଡ଼ା ବିଭାଗର ଉପ-ନିର୍ଦ୍ଦେଶକ ସୁଦୀପ୍ତ ନାଏକ, ବରିଷ୍ଠ କୋଚ୍ କାଳୁଚରଣ ଚୌଧୁରୀ, ହକି ଓଡ଼ିଶା ନିର୍ଦ୍ଦେଶକ ବି.ଜେ. କାରିଆପ୍ପା, ହକି ଓଡ଼ିଶା ସମ୍ପାଦକ ସନାତନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଦିଲ୍ଲୀ ଗସ୍ତ ସ୍କିପ୍ କଲେ ଧୋନୀ


**ଚେନ୍ନାଇ**



ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)ର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଦଳ ସହିତ ପରବର୍ତ୍ତୀ ମ୍ୟାଚ୍ ଲାଗି ଦିଲ୍ଲୀ ଯାତ୍ରା କରି ନାହାନ୍ତି । ସିଏସ୍‌କେ ମଙ୍ଗଳବାର ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ଭେଟିବ । ଏହା ବଦଳରେ ଧୋନୀ ଚେନ୍ନାଇରେ ରହି କାଫ ଇଞ୍ଜୁରି ଲାଗି ରେହାବିଲିଟେସନ ଜାରି ରଖିବାକୁ ନିଷ୍ପତ୍ତି ନେଇଛନ୍ତି ।

ଏହା ଦର୍ଶାଉଛି ଯେ, ଧୋନୀ ଏବେବି ଖେଳିବାକୁ ପ୍ରସ୍ତୁତ ନୁହନ୍ତି । ଏହାସତ୍ତ୍ୱେ ଫ୍ରାଞ୍ଚାଇଜ ଅଧିକାରୀ ତାଙ୍କୁ ଏପର୍ଯ୍ୟନ୍ତ ପୂରା ଟୁର୍ଣ୍ଣାମେଣ୍ଟରୁ ବାଦ୍ ଦେଇ ନାହାନ୍ତି । ସିଏସ୍‌କେକୁ ଲିଗ୍‌ରେ ଆଉ ୫ଟି ମ୍ୟାଚ୍ ଖେଳିବାକୁ ଥିବାବେଳେ ଧୋନୀ କୌଣସି ପର୍ଯ୍ୟାୟରେ ଖେଳିବାକୁ ଉପଲବ୍ଧ ହେବେ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି । ଦିଲ୍ଲୀ ବିପକ୍ଷ ମ୍ୟାଚ୍ ପରେ ଚେନ୍ନାଇ ଆସନ୍ତା ୧୦ ଓ ୧୫ ତାରିଖରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସକୁ ଭେଟିବ ।

# ଆରସିବିକୁ ବଡ଼ ଝଟ୍‌କା : ସ୍ୱଦେଶ ଫେରିଲେ ଫିଲ୍ ସଲ୍ଟ



**ନୂଆଦିଲ୍ଲୀ**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଓପନର ଇଂଲଣ୍ଡର ଫିଲ୍ ସଲ୍ଟ ସ୍ୱଦେଶ ଫେରିଛନ୍ତି । ଗତ ମାସରେ ତାଙ୍କ ଆଙ୍ଗୁଠିରେ ଆଘାତ ଲାଗିଥିଲା । ତାଙ୍କର କ୍ଷତର ଗଭୀରତା ଜାଣିବା ପାଇଁ ତାଙ୍କର ସ୍କାନ କରାଯିବ । ଆଘାତପ୍ରାପ୍ତ ଥିବାରୁ ସେ ଆରସିବିର ଗତ ତିନୋଟି ମ୍ୟାଚ୍ ଖେଳିନାହାନ୍ତି । ତାଙ୍କ ସ୍ଥାନରେ ଟପ୍ ଅର୍ଡରରେ ଜାକବ ବେଥେଲଙ୍କୁ ସାମିଲ କରାଯାଇଛି । ଏପ୍ରିଲ ୧୮ରେ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଦିଲ୍ଲୀ କ୍ୟାପିଟାଲ୍ସଠାରୁ ଆରସିବିର ପରାଜୟ ମ୍ୟାଚ୍ ବେଳେ ଫିଲ୍ଡିଂ କରୁଥିବା ବେଳେ ଡିପ୍ ବ୍ୟାକ୍‌ୱାର୍ଡ ସ୍କୋୟର ଲେଗ୍‌ରେ ଏକ ବାଉଣ୍ଡାରୀକୁ ରୋକିବାକୁ ଯାଇ ସେ ଆଘାତପ୍ରାପ୍ତ ହୋଇଥିଲେ । ସଲ୍ଟ ହେଉଛନ୍ତି ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) କେନ୍ଦ୍ରୀୟ ଚୁକ୍ତି ଭିତ୍ତିକ ଖେଳାଳି ।

ଇଂଲଣ୍ଡ ମ୍ୟାନେଜମେଣ୍ଟର ଅନୁରୋଧ କ୍ରମେ ସ୍କାନ କରିବା ଲାଗି ସଲ୍ଟ ସ୍ୱଦେଶ ଫେରିଛନ୍ତି । ଖବର ଅନୁସାରେ ସେ ଶୀଘ୍ର ସୁସ୍ଥ ହେବେ ଏବଂ ଚଳିତମାସ ପରବର୍ତ୍ତୀ ଭାଗରେ ଭାରତ ଫେରିବେ ବୋଲି ଉଭୟ ଆରିସିବି ଓ ସଲ୍ଟ ଆଶାବାଦୀ ରହିଛନ୍ତି । ଚଳିତ ସିଜନରେ ସଲ୍ଟ ଆରମ୍ଭ ବେଶ୍ ପ୍ରଭାବୀ ଥିଲା । ସେ ଖେଳିଥିବା ୬ଟି ଇନିଂସରେ ୧୬୮.୩୩ ଷ୍ଟ୍ରାଇକ୍ ରେଟ୍ ସହ ୨୦୨ରନ ସଂଗ୍ରହ କରିଥିଲେ । ପଏଣ୍ଟ ଟେବୁଲରେ ଆରସିବି ବର୍ତ୍ତମାନ ପଞ୍ଜାବ କିଙ୍ଗ୍ସ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି । ଦଳ ଏହାର ପରବର୍ତ୍ତୀ ମ୍ୟାଚ୍ ଗୁରୁବାର ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷରେ ଖେଳିବ ।

# ହରିଶଙ୍କର ପୀଠରେ ବରଗଡ଼ର ସମାଜସେବୀ ସମ୍ମାନିତ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ପବିତ୍ର ହରିଶଙ୍କର ପୀଠରେ ନୃସିଂହ ଚତୁର୍ଦ୍ଦଶୀ ବୈଶାଖୀ ମେଳା ଅବସରରେ ଅନୁଷ୍ଠିତ ଭୁଲିଆ ସମାଜ ବିକାଶ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଅନ୍ନସେବା କେନ୍ଦ୍ରର ଅନ୍ତିମ ଦିବସରେ ବରଗଡ଼ର ବିଶିଷ୍ଟ ମହିଳା ସମାଜସେବୀ ସଂଘମିତ୍ରା ପଟେଲଙ୍କୁ ସମ୍ମାନିତ କରିବା ସହିତ ନରେଶ ମେହେର, ସାରଥୀ ମେହେର, ଅନୁପମା ଭୋଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଶ୍ରୀମତୀ ପଟେଲ ଅନ୍ନସେବା କେନ୍ଦ୍ରରେ ଉପସ୍ଥିତ ହଜାର ହଜାର ତୀର୍ଥଯାତ୍ରୀଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ ରକ୍ତ ଅଭାବ ପାଇଁ କୌଣସି ବ୍ୟକ୍ତିଙ୍କୁ ମାରିବାକୁ ଦିଆଯିବ ନାହିଁ, ଯେ କୌଣସି




ଅଞ୍ଚଳରୁ, ଯେ କୌଣସି ସମୟରେ ଯାହାର ରକ୍ତ ଦରକାର ଖବର ପାଇଗଲେ, କାଳ ବିଳମ୍ବ ନ କରି ତୁରନ୍ତ ତାଙ୍କୁ ରକ୍ତ ଯୋଗାଇ ଦିଆଯିବ । ଭୁଲିଆ ସମାଜର ଏହି ଅନ୍ନପ୍ରସାଦ ଦାନକୁ ଭୂୟସୀ ପ୍ରଶଂସା କରିବା ସହ ସଭାପତି ନରୋତ୍ତମ ମେହେରଙ୍କୁ ଟ୍ରଫି ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ । ରାଜ୍ୟ ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ଗଜରାଜ ମେହେର ସଭା କାର୍ଯ୍ୟ ପରିଚାଳନା କରି ମୁଖ୍ୟ ଅତିଥିଙ୍କୁ ନାରୀଟିଏ ହୋଇ ଅପରିଚିତ ବ୍ୟକ୍ତିର ଶବ ସତ୍କାର କରିବା ସହ ସମଗ୍ର ଓଡ଼ିଶା ତଥା କଟକ ବଡ଼ ଡାକ୍ତର ଖାନାରେ କିପରି ରୋଗୀଙ୍କୁ ରକ୍ତ ଯୋଗାଡ଼ କରାଇ ରୋଗୀଙ୍କ ପ୍ରାଣ ବଞ୍ଚାଇଥିଲେ, ଉଦାହରଣ ଦେଇ ସଂଘମିତ୍ରା ପଟେଲଙ୍କୁ ମଦର ଟେରେସା ପରି ତାଙ୍କର ସେବା କାର୍ଯ୍ୟ ଜାରି ରଖିବା ପାଇଁ ହରି ଶଙ୍କର ବାବା ଆଶୀର୍ବାଦ କରିବାକୁ ପ୍ରାର୍ଥନା କରିଥିଲେ । ଅନ୍ନ ସେବା ସଭାପତି ଘନଶ୍ୟାମ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

# ମହିଳାଙ୍କୁ ଦଳିଦେଲା ଦନ୍ତା

**ମାଧପୁର, ନ୍ୟୁଜ୍‌ବ୍ୟୁରୋ**

ଆଠମଲ୍ଲିକ ଥାନା ଅନ୍ତର୍ଗତ ମାଧପୁର ପଞ୍ଚାୟତ ଅଧୀନ ମାଧପୁର ଗ୍ରାମର ଜଣେ ମହିଳା ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି । ମୃତ ମହିଳା ହେଲେ ଜ୍ୟୋସ୍ନାରାଣୀ ବିଶ୍ୱାଳ (୩୦), ସ୍ୱାମୀ ବିଜୟ ବିଶ୍ୱାଳ ।

ସୂଚନା ଅନୁସାରେ ସଂପୃକ୍ତ ମହିଳା ସକାଳେ ଜଙ୍ଗଲକୁ କେନ୍ଦୁପତ୍ର ତୋଳିବାକୁ ଯାଇଥିବା ସମୟରେ ହାତୀ ହାବୁଡ଼ରେ ପଡ଼ି ଯାଇ ଆକ୍ରମଣର ଶିକାର ହୋଇଥିଲେ । ଏହାପରେ ଖବର ପାଇ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ତାଙ୍କୁ ମାଧପୁର ଡାକ୍ତର ଖାନାକୁ ଅଣାଯାଇଥିବା ବେଳେ ପରେ ଆଠମଲ୍ଲିକ ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମନରେ ଭୟର ବାତାବରଣ ଖେଳିଯାଇଛି ।

# ରାଉଲକେଲାରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ

**ରାଉରକେଲା, ନ୍ୟୁଜ୍‌ବ୍ୟୁରୋ**

ଗତ ୧ ତାରିଖରେ ନେତାଜୀ ସୁଭାଷ ପ୍ରେକ୍ଷାଳୟ, ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ପରିସରରେ ସୁନ୍ଦରଗଡ଼ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଉରକେଲାର ବିଧାୟକ ଶାରଦା ପ୍ରସାଦ ନାୟକ ଓ ସମ୍ମାନନୀୟ ଅତିଥି ଭାବେ ସୁନ୍ଦରଗଡ଼ ସାଂସଦ ତଥା କ୍ୟାବିନେଟ ମନ୍ତ୍ରୀ, ଭାରତ ସରକାର ଜୁଏଲ ଓରାମ୍‌ଙ୍କର ପ୍ରତିନିଧି ସୁରେଶ ପଟେଲ, ତଳସରା ବିଧାୟକ ତଥା ଉପବାଚସ୍ପତି, ବିଧାନସଭା, ଓଡ଼ିଶା ଭବାନୀ ଶଙ୍କର ଭୋଇ ଙ୍କର ପ୍ରତିନିଧି ଲତିକା ପଟ୍ଟନାୟକ, ରଘୁନାଥପାଲ୍ଲୀ ବିଧାୟକ ତଥା ଅଧକ୍ଷ ସୁନ୍ଦରଗଡ଼ ଜିଲ୍ଲା ଯୋଜନା ବୋର୍ଡ ଦୁର୍ଗା ଚରଣ ତନ୍ତୀଙ୍କର ପ୍ରତିନିଧି ନିରଞ୍ଜନ ପଟେଲ




ଯୋଗ ଦେଇଥିଲେ । ପ୍ରଭାଗୀୟ ଶ୍ରମ ଆୟୁକ୍ତ ସୁନୀତା କିଷାନ୍ ମଞ୍ଚ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଅଧୀନରେ ସହାୟତା ରାଶି ଯଥା- ବିବାହ ସହାୟତା ରାଶି ବାବଦରେ ୧୫୬ ଜଣଙ୍କୁ ଟ୭୭,୨୫,୦୦୦/-, ମୃତ୍ୟୁ ସହାୟତା ରାଶି ୧୯୯ ଜଣଙ୍କୁ ଟ.୫,୩୭,୦୦,୦୦୦/-, ଅନ୍ତ୍ୟେଷ୍ଟି କାଳୀନ ସହାୟତା ରାଶି ୧୮୭ ଜଣଙ୍କୁ ଟ.୯,୩୫,୦୦୦/-, ଶିକ୍ଷା ସହାୟତା ରାଶି ୧୭୭ ଜଣଙ୍କୁ ଟ.୨୨,୯୧,୦୦୦/-, ପ୍ରସୂତୀ ସହାୟତା ରାଶି ୪୯ ଜଣଙ୍କୁ ଟ.୪,୯୦,୦୦୦/- ଏହିପରି ଭାବେ ସର୍ବମୋଟ ୬ କୋଟି ୫୧ଲକ୍ଷ ୪୧ ହଜାର ୦୦୦ ଟଙ୍କାର ସହାୟତା ରାଶି ୭୬୮ ଜଣ ନିର୍ମାଣ ଶ୍ରମିକଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା । ଏତତ୍ ବ୍ୟତୀତ ୨୦୦ ଜଣ ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇ ଥିଲା । ସେହିପରି ଓଡ଼ିଆ ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଅଧୀନରେ ୨ ଜଣଙ୍କୁ ମୃତ୍ୟୁ କାଳୀନ ସହାୟତା ନିମିତ୍ତ ୪ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସର୍ବମୋଟ ୬୦୦ ଜଣ ନିର୍ମାଣ ଏବଂ ଅଣସଂଗଠିତ ଶ୍ରମିକ, ଟ୍ରେଡ୍ ୟୁନିଅନର କର୍ମକର୍ତ୍ତା ଓ ସୁନ୍ଦରଗଡ଼ ଶ୍ରମ କାର୍ଯ୍ୟାଳୟର ସମସ୍ତ ସଦସ୍ୟ ଉପସ୍ଥିତି ଥିଲେ ।

# ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ୨ କର୍ମଚାରୀଙ୍କ ଅବସର ଗ୍ରହଣ



**ରାଉରକେଲା, ନ୍ୟୁଜ୍‌ବ୍ୟୁରୋ**

ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ରାଉରକେଲାର କର୍ମଚାରୀ ପ୍ରଦୀପ ମଲ୍ଲିକ ଓ ବଣାଇ କାର୍ଯ୍ୟାଳୟର କର୍ମଚାରୀ ଅକ୍ଷୟ ବେହେରା ନିଜ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ ରାଉରକେଲା ସ୍ଥିତ କାର୍ଯ୍ୟାଳୟ ପକ୍ଷରୁ ଏକ ବିଦାୟ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । ସଭାରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା ଉଭୟ କର୍ମଚାରୀଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ତାଙ୍କର ଭବିଷ୍ୟ ସୁଖମୟ ହେଉ ବୋଲି କାମନା କରିଥିଲେ । ସଭାରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୁଷ୍ପାଞ୍ଜଳି ସାହୁ ସମେତ କାର୍ଯ୍ୟାଳୟର ଏସଆରଏ ବିନୀତ କର, ପ୍ରାଜେକ୍ଟନିଷ୍ଟ ବଦ୍ରିନାଥ, ଉମା ଆହିର, ଯୁଧିଷ୍ଠିର ତ୍ରିପାଠୀ, ସୀତା ପ୍ରଧାନ, ଏଡୱିନ ତିର୍କୀ ପ୍ରମୁଖ ଉପସ୍ଥିତ ଥିଲେ ।

**ODISHA HYDRO POWER CORPORATION LTD.**
**O/o Sr. GENERAL MANAGER, HIRAKUD HYDRO ELECTRIC PROJECT**
POST BOX. NO. 5, BURLA - 768017, DISTRICT : SAMBALPUR (ODISHA), INDIA
PHONE: 0663-2950721(O), 2950765, E-Mail : srgmhps_burla@yahoo.co.in
CIN : U40101OR1995SGC003963
4001/60/2627

No. HHEP/WK-101 / 15, Vol-VII /2726 Date: 28.04.2026

**NOTICE INVITING TENDER NO. HHEP-40/2026**

Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed manufacturers /authorized dealers / channel partners / reputed suppliers for supply of the following material as mentioned below.

| Description of work | Cost of tender paper (Non-refundable) in Rs. | EMD in shape of DD/BC only (Refund-able) in Rs. |
|---|---|---|
| Supply of Guide Vane Breaking links for Unit No. 1 & 2 of Burla Power House | 7080/- (Rs. 6,000/- + GST@18%) | 27,380/- |

- Period of Sale / Download of tender paper : 30.04.2026 (11.00AM) to 12.05.2026 upto 01:00PM
- Last Date & Time of Receipt of tender document : 13.05.2026 upto 11:00AM
- Date & time of opening of bid : 13.05.2026 at 11:30AM

For details of the tender documents, terms and conditions please visit our website www.ohpcltd.com

Sd/-
C & P Head, HHEP, Burla
OIPR-4001/4007/1/26-27/0006

**OFFICE OF THE PURI MUNICIPAL CORPORATION, PURI**
No. 4312 /Date 30.4.2026 13001/359/2627


**QUOTATION CALL NOTICE 2026-27**

Sealed quotations are invited from the intending persons/ Agencies for auction of **Advertisement Mahal** of Puri Municipal Corporation for the financial year **2026-27**. The intending persons/ agencies are required to visit the website: www.purimunicipality.nic.in & www.puri.nic.in and download the auction papers along with the terms and conditions between from **dt. 02.05.2026 10 A.M. to dt.13.05.2026 up to 5 P.M.** The quotation must reach the office of the undersigned by registered post/speed post on or **before dt.13.05.2026** by 5 P.M. and will be opened on **dt.14.04.2026 at 11.30 A.M.** in presence of the Executive Officer & quotationers or their authorized representatives. Puri Municipal Corporation will in no way be responsible for delay in reaching of the quotations.

Sd/- Commissioner,
Puri Municipal Corporation
OIPR-13001/13159/1/26-27/0005



31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୫ ମଇ ୨୦୨୬ ମଙ୍ଗଳବାର





# ଗ୍ରୀଷ୍ମ ଋତୁରେ ଯାତ୍ରୀ ଚାହିଦା ପୂରଣ ପାଇଁ ସ୍ୱତନ୍ତ୍ର ଟ୍ରେନ୍ ଗୁଡିକର ସେବାରେ ସମ୍ପ୍ରସାରଣ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଯାତ୍ରୀମାନଙ୍କୁ ସୁବିଧାଜନକ ଯାତ୍ରା ସୁଯୋଗ ଯୋଗାଇଦେବା ଏବଂ ଗ୍ରୀଷ୍ମ ଋତୁରେ ବୃଦ୍ଧି ପାଉଥିବା ଯାତ୍ରୀଙ୍କ ଚାହିଦାକୁ ଦୃଷ୍ଟିରେ ରଖି ନିମ୍ନଲିଖିତ ସ୍ୱତନ୍ତ୍ର ଟ୍ରେନଗୁଡ଼ିକର ଚଳାଚଳ ଅବଧିକୁ ବୃଦ୍ଧି କରାଯାଇଛି ।ଏହି ଟ୍ରେନଗୁଡ଼ିକ ସେମାନଙ୍କର ପୂର୍ବ ନିର୍ଦ୍ଧାରିତ ସମୟ ଏବଂ ରହଣି ସହିତ ଚଳାଚଳ ଜାରି ରଖିବେ। ସମ୍ପ୍ରସାରିତ ସ୍ୱତନ୍ତ୍ର ଟ୍ରେନ୍ ଗୁଡିକ ହେଲା: ୧. ୦୭୬୭୯ ଚର୍ଲାପାଲ୍ଲୀ–ଖଡ଼ଗପୁର ସ୍ପେଶାଲ୍ ଟ୍ରେନର ଅବଧି ୨୯ ଜୁଲାଇ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ୨. ୦୭୬୮୦ ଖଡ଼ଗପୁର–ଚର୍ଲାପାଲ୍ଲୀ ସ୍ପେଶାଲ୍ ଟ୍ରେନର ଅବଧି ୩୦ ଜୁଲାଇ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ୩. ୦୭୬୯୯ ଚର୍ଲାପାଲ୍ଲୀ – ସାନ୍ତ୍ରାଗାଛି ସ୍ପେଶାଲ୍ ଟ୍ରେନର ଅବଧି ୨୫ ଜୁଲାଇ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ୪. ୦୭୭୦୦ ସାନ୍ତ୍ରାଗାଛି – ଚର୍ଲାପାଲ୍ଲୀ ସ୍ପେଶାଲ୍ ଟ୍ରେନର ଅବଧି ୨୬ ଜୁଲାଇ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । କୋଚ୍ ସଂରଚନା: ଏସି ୨-ଟାୟାର୍ – ୦୨ଟି କୋଚ୍, ଏସି ୩-ଟାୟାର୍ – ୦୮ଟି କୋଚ୍ , ସ୍ଲିପର କ୍ଲାସ୍ – ୦୮ଟି କୋଚ୍, ସାଧାରଣ ଦ୍ୱିତୀୟ ଶ୍ରେଣୀ – ୦୪ଟି କୋଚ୍, ଏବଂ ଲଗେଜ୍-କମ୍-ଜେନେରେଟର-କମ୍-ବ୍ରେକ୍ ଭ୍ୟାନ୍ (ଦିବ୍ୟାଙ୍ଗ ଅନୁକୂଳ ସୁବିଧା ସହିତ) – ୦୨ଟି କୋଚ୍ ଯାତ୍ରୀମାନଙ୍କୁ ଏହି ସମ୍ପ୍ରସାରଣଗୁଡ଼ିକ ପ୍ରତି ଧ୍ୟାନ ଦେବାକୁ ଏବଂ ସେହି ଅନୁସାରେ ଯାତ୍ରା ଯୋଜନା କରିବାକୁ ପରାମର୍ଶ ।

# ବୟନିକା -ନିଜ ଐତିହ୍ୟକୁ ପରିଧାନ କରନ୍ତୁ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିମିଟେଡ୍ (ବୟନିକା), ୧୯୫୬ ମସିହାରେ ଓଡିଶା ସରକାରଙ୍କ ପ୍ରୟାସରେ ସ୍ଥାପିତ, ଆଜି ଭାରତର ହସ୍ତତନ୍ତ ପରିଦୃଶ୍ୟରେ ଏକ ଗୌରବମୟ ଓ ପ୍ରତିଷ୍ଠିତ ସଂସ୍ଥା ଭାବେ ପରିଚିତ। ମଙ୍ଗଳବାର ବୟନିକା ତାହାର ସପ୍ତଦଶକୀୟ ଯାତ୍ରା ପୂର୍ଣ୍ଣ କରୁଛି ଏବଂ ଏହି ସୁବର୍ଣ୍ଣ ସନ୍ଧିକ୍ଷଣ କେବଳ ସମୟର ଅତିକ୍ରମ ନୁହେଁ, ବରଂ ଏକ ଦୃଢ଼ ଦୃଷ୍ଟିକୋଣର ସଫଳ ପରିଣତି—ଯାହା ଗ୍ରାମୀଣ ଓଡିଶାର ହସ୍ତତନ୍ତକୁ ଦେଶ ଓ ବିଶ୍ୱର ବଜାର ସହିତ ସଂଯୋଗ କରି, ବୁଣାକାରମାନଙ୍କର ଜୀବିକା ଓ ମର୍ଯ୍ୟାଦାକୁ ସୁରକ୍ଷିତ କରିଆସିଛି। ଏମିତି ଏକ ସମୟରେ ଏହାର ଜନ୍ମ ହୋଇଥିଲା, ଯେତେବେଳେ ପାରମ୍ପରିକ ବୁଣାକାରଶିଳ୍ପୀମାନେ ବଜାର ଅଭାବ, ମଧ୍ୟସ୍ଥଙ୍କ ନିର୍ଭରତା, ଓ ହ୍ରାସ ପାଉଥିବା ପ୍ରତିଷ୍ଠା ଆଦି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲେ। ସେହି ପରିପ୍ରେକ୍ଷିରେ ବୟନିକା ଏକ ବିଶ୍ୱସନୀୟ ଓ ସଂଗଠିତ ମଞ୍ଚ ଭାବେ ଆଗକୁ ଆସି, ପ୍ରତିଷ୍ଠାପିତ କରିଥିଲା ନ୍ୟାୟସଙ୍ଗତ ବ୍ୟବସାୟ, ପାରଦର୍ଶିତା, ସୁଷ୍ଠିର ଜୀବିକାର ପଥ ଓ ଆର୍ଥିକ ସୁଯୋଗ । ସୀମିତ ସମ୍ପଦ ଓ ଛୋଟ ପରିସରରୁ ଆରମ୍ଭ କରିଥିବା ଏହି ସଂସ୍ଥା ଆଜି ଏକ ସଶକ୍ତ ଓ ବହୁମୁଖୀ ସଂଗଠନରେ ପରିଣତ ହୋଇଛି, ଯାହା ହେଉଛି ଅନବରତ ପ୍ରଗତି ଓ ଦୃଢ଼ ସଙ୍କଳ୍ପର ଫଳ । ବୟନିକା ଓଡିଶା ସହିତ ନୂଆଦିଲ୍ଲୀ ଓ କଲିକାତା ପର୍ଯ୍ୟନ୍ତ ୪୦ଟି ବିକ୍ରୟ କେନ୍ଦ୍ର ଚାଳନା କରୁଛି। ଏହି କେନ୍ଦ୍ରଗୁଡିକ କେବଳ ବିକ୍ରୟ ସ୍ଥଳ ନୁହେଁ, ବରଂ ଓଡିଶାର ସାଂସ୍କୃତିକ ପରିଚୟର ଜୀବନ୍ତ ପ୍ରତୀକ, ଯେଉଁଠାରେ ପ୍ରତ୍ୟେକ ବସ୍ତ୍ର ଏକ ଐତିହ୍ୟ, କୌଶଳ ଓ ମାଟିର ସ୍ପର୍ଶକୁ ବହନ କରେ। ୨୦୨୫–୨୬ ଆର୍ଥିକ ବର୍ଷରେ ବୟନିକା ୨୩୩ କୋଟିର ବ୍ୟବସାୟ କରିଥିବାବେଳେ ୨୦୨୬–୨୭ ପାଇଁ ୨୮୦ କୋଟିର ଲକ୍ଷ୍ୟ ଧାରଣ କରିଛି। ପରିବର୍ତ୍ତିତ ସମୟ ସହିତ ବୟନିକା ନିଜକୁ ଆଧୁନିକ ପଥରେ ଆଗେଇ ନେଇଛି, କିନ୍ତୁ ତାହାର ମୂଲ୍ୟବୋଧକୁ କେବେ ଛାଡ଼ି ନାହିଁ। ଇ-କମର୍ସ ମାଧ୍ୟମରେ ଏହା ଓଡିଶାର ହସ୍ତତନ୍ତ ବସ୍ତ୍ରକୁ ଦେଶ ଓ ବିଶ୍ୱର ଗ୍ରାହକଙ୍କ ଦ୍ୱାରପ୍ରାନ୍ତରେ ପହଞ୍ଚାଇଛି। ସେହିପରି, ଇଆରପି ପ୍ରଣାଳୀର ପ୍ରୟୋଗ ସଂସ୍ଥାର ପରିଚାଳନା, ଭଣ୍ଡାର ବ୍ୟବସ୍ଥାପନା ଓ ଆର୍ଥିକ ପ୍ରକ୍ରିୟାକୁ ଅଧିକ ସୁସଂଗଠିତ ଓ ପାରଦର୍ଶୀ କରିଛି। ଏହା ସହିତ, ଆନ୍ତର୍ଜାତୀୟ ମାନଦଣ୍ଡକୁ ଅନୁସରଣ କରି ଏବଂ ବିଭିନ୍ନ ବ୍ୟବସାୟିକ ମଞ୍ଚରେ ଯୋଗଦାନ କରି ବୟନିକା ରପ୍ତାନି କ୍ଷେତ୍ରରେ ମଧ୍ୟ ନିଜ ସ୍ଥାନ ସୃଷ୍ଟି କରିଛି। ବୟନିକାର ଯାତ୍ରାର ଆଉ ଏକ ମୁଖ୍ୟ ଦିଗ ହେଉଛି ସଂସ୍ଥାଗତ ଓ ବି-ଟୁ-ବି ବିକ୍ରୟ କ୍ଷେତ୍ରର ସୁଦୃଢ଼ିକରଣ। ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥାଙ୍କର ଆବଶ୍ୟକତା ପୂରଣ କରି, ଏହା ନିରନ୍ତର ଚାହିଦା ସୃଷ୍ଟି କରିବା ସହିତ ବୁଣାକାର ମାନଙ୍କ ପାଇଁ ସ୍ଥିର ଆୟର ଅବସର ନିଶ୍ଚିତ କରିଛି। ଏହା ସହିତ ଜାତୀୟ ଓ ରାଜ୍ୟସ୍ତରର ପ୍ରଦର୍ଶନୀ, ମେଳା, ଏବଂ କ୍ରେତା ବିକ୍ରେତା ସମ୍ମିଳନୀରେ ସକ୍ରିୟ ଅଂଶଗ୍ରହଣ ମାଧ୍ୟମରେ ବୟନିକା ନିଜର ପରିଚୟକୁ ଆହୁରି ବିସ୍ତାର କରିଛି ଏବଂ ଓଡିଶାର ବୁଣାକଳାକୁ ବିଶାଳ ମଞ୍ଚରେ ଉପସ୍ଥାପିତ କରିଛି। ତଥାପି, ବୟନିକାର ସଫଳତା କେବଳ ତାହାର ବିସ୍ତାରରେ ନୁହେଁ, ବରଂ ତାହାର ପ୍ରତିଷ୍ଠିତ ବିଶ୍ୱାସରେ ନିହିତ। ସରକାରୀ ସଂସ୍ଥା ଭାବେ ଏହା ସଦା ନିଷ୍ଠା, ପାରଦର୍ଶିତା ଓ ନିଜସ୍ୱତାକୁ ଅତୁଟ ରଖି, ଗ୍ରାହକଙ୍କ ମନରେ ଏକ ଅଦ୍ୱିତୀୟ ବିଶ୍ୱାସ ସୃଷ୍ଟି କରିଛି। ପ୍ରତ୍ୟେକ ବସ୍ତ୍ର ଏକ ସତ୍ୟ ସ୍ୱଦେଶୀ ହସ୍ତନିର୍ମିତ ସୃଷ୍ଟି—ଯାହା ସମ୍ବଲପୁରୀ, ବମକାଇ, ବ୍ରହ୍ମପୁରୀ, ଖଣ୍ଡୁଆ କୋଟପାଡ଼ ପରି ଓଡିଶାର ଐତିହ୍ୟବାହୀ ବୁଣାକଳାକୁ ଜୀବନ୍ତ ରଖିଛି । ଆଜି ବୟନିକା କେବଳ ଏକ ବ୍ୟବସାୟିକ ସଂସ୍ଥା ନୁହେଁ; ଏହା ଓଡିଶାର ସଂସ୍କୃତି, ପରମ୍ପରା ଓ ପରିଚୟର ପ୍ରତୀକ । ଏହାର ଯାତ୍ରା ହେଉଛି ସଂଘର୍ଷ, ସହନଶୀଳତା, ସଫଳତା, ପରିବର୍ତ୍ତନ ଓ ସମନ୍ୱୟର ଏକ ଅପୂର୍ବ କାହାଣୀ—ଯେଉଁଠାରେ ପାରମ୍ପରିକତା ଓ ନବୀନତା ସମାନ ଭାବେ ଗତି କରିଛି। ସପ୍ତଦଶକର ଏହି ସଫଳ ଅବସରରେ, ବୟନିକା ନିଜ ପୂର୍ବ ସଫଳତାର ଉତ୍ସାହ ସହିତ ଆଗାମୀ ଦିନର ଦାୟିତ୍ୱକୁ ମଧ୍ୟ ବହନ କରୁଛି—ଯେଉଁଠାରେ ଓଡିଶାର ହସ୍ତତନ୍ତ ଐତିହ୍ୟ ବିଶ୍ୱସ୍ତରରେ ଆହୁରି ପ୍ରସ୍ଫୁଟିତ ହେବ। ବୟନିକାର ୭୦ତମ ପ୍ରତିଷ୍ଠା ଦିବସ ପାଳନ ତଥା ସାତଦଶକର ଏହି ଯାତ୍ରା ଓଡିଶାର ଅଦମ୍ୟ ସାହସ ଓ ଅବିରତ ଉତ୍ସାହର ଯାତ୍ରା—ପାରମ୍ପରିକତାରେ ବୁଣା, କୌଶଳରେ ସୁସଜ୍ଜିତ, ଏବଂ ଗର୍ବ ଓ ନିଷ୍ଠାରେ ଅବିଚଳ ଏକ ଅମର ଗାଥା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିଧାନସଭା ନିର୍ବାଚନ...

ଜିତିଛି। ମହାରାଷ୍ଟ୍ରର ବାରାମତୀ ବିଧାନସଭା ଆସନରୁ ସୁନେତ୍ରା ପାୱାର ବଡ଼ ଅନ୍ତରରେ ଜିତିଛନ୍ତି। ରାହୁରିରୁ ବିଜେପିର ଅକ୍ଷୟ କାର୍ଡିଲେ, ଗୁଜରାଟର ଉମ୍ରେଥରୁ ହର୍ଷଦଭାଇ ପରମାର ଜିତିଛନ୍ତି। ନାଗାଲ୍ୟାଣ୍ଡର କୋରିଡାଙ୍ଗରୁ ଦାଓଚିର ଇମଜେନ ଏବଂ ତ୍ରିପୁରାର ଧର୍ମନଗରରୁ ଜହର ଚକ୍ରବର୍ତ୍ତୀ ଜିତିଛନ୍ତି। କର୍ଣ୍ଣାଟକର ବାଗଲକୋଟରୁ ଉମେଶ ହୁଲପ୍ପା ଏବଂ ଦାଭାନଗେରେ ଦକ୍ଷିଣରୁ ସମର୍ଥ ଶମନୁର ମଲ୍ଲିକାର୍ଜୁନ କଂଗ୍ରେସ ପକ୍ଷରୁ ଜିତିଛନ୍ତି।

## ପଶ୍ଚିମବଙ୍ଗର ଜନତା ସ୍ୱପ୍ନକୁ...

ପିଢ଼ିପିଢ଼ି ଧରି ଅଗଣିତ କର୍ମକର୍ତ୍ତାଙ୍କ ଉଦ୍ୟମ ପାଇଁ ସମ୍ଭବ ହୋଇପାରିଛି। ମୁଁ ସେ ସମସ୍ତଙ୍କୁ ପ୍ରଣାମ କରୁଛି। ବର୍ଷବର୍ଷ ଧରି ସେମାନେ ତୃଣମୂଳସ୍ତରରେ ବହୁ ପରିଶ୍ରମ କରିଛନ୍ତି। ବହୁ ଅସୁବିଧାର ସାମ୍ନା କରିଛନ୍ତି ଏବଂ ଆମର ବିକାଶ ଏଜେଣ୍ଡାକୁ ଲୋକଙ୍କ ନିକଟରେ ପହଞ୍ଚାଇଛନ୍ତି। ସେମାନେ ହେଉଛନ୍ତି ଆମ ଦଳର ପ୍ରକୃତ ବଳ। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ସବୁବେଳେ ମନେ ରହିବ। ଜନତାଙ୍କ ଶକ୍ତିର ବିଜୟ ହୋଇଛି। ମୁଁ ପଶ୍ଚିମବଙ୍ଗର ପ୍ରତ୍ୟେକ ଜନତାଙ୍କୁ ପ୍ରଣାମ କରୁଛି। ଜନତା ବିଜେପିକୁ ଏକ ଉତ୍ସାହଜନକ ଜନାଦେଶ ଦେଇଛନ୍ତି। ଲୋକଙ୍କର ଆଶା ଏବଂ ଆକାଂକ୍ଷା ପୂରଣ କରାଯିବାକୁ ଉଦ୍ୟମ କରାଯିବ। ଆମେ ଏକ ଏଭଳି ସରକାର ଦେବୁ, ଯାହା ସମାଜର ସମସ୍ତ ବର୍ଗକୁ ଅବସର ଏବଂ ସମ୍ମାନ ସୁନିଶ୍ଚିତ କରିବ।

# ଆଜି କୋଟିଆ ଯିବେ ରାଜସ୍ୱ ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମଙ୍ଗଳବାର କୋଟିଆ ଯିବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ଜନ ଗଣନାକୁ ତ୍ୱରାନ୍ୱିତ ଓ ସମୀକ୍ଷା ପାଇଁ ରାଜସ୍ୱ ମନ୍ତ୍ରୀ କୋଟିଆ ଯିବେ। ଜନ ଗଣନା କୁ ନେଇ କୋଟିଆରେ ସମସ୍ୟା ଦେଖାଦେଇଛି । ଆନ୍ଧ୍ରର ଅଧିକାରୀ କୋଟିଆବାସୀଙ୍କୁ ଜନ ଗଣନାରେ ସାମିଲ ହେବା ପାଇଁ ଚେଷ୍ଟା କରିଥିଲେ। ପ୍ରଶାସନ ଓ ଲୋକେ ସେମାନଙ୍କୁ ତଡିପାର କରିଛନ୍ତି। ଅନ୍ୟପକ୍ଷରେ କୋଟିଆ ରେ ଜଗନ୍ନାଥ ମନ୍ଦିର ନିର୍ମାଣ ଚାଲିଛି ।କାମ ଶେଷ ପର୍ଯ୍ୟାୟରେ ପହଂଚିଛି। ଚଳିତ ବର୍ଷ କୋଟିଆରେ ରଥଯାତ୍ରା ହେବ। ଏଥିପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି।



ଭୁବନେଶ୍ୱର : ନବୀନ ନିବାସଠାରେ ବିଜେଡି ସୁପ୍ରିମୋ ତଥା ବିରୋଧି ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଆନନ୍ଦପୁର ମ୍ୟୁନିସପାଲିଟିର ଦଳୀୟ କାଉନ୍ସିଲର ଏବଂ ବିଧାୟକ ଭେଟି ମ୍ୟୁନିଟିପାଲିଟି ଅଞ୍ଚଳର ବିକାଶ କାର୍ଯ୍ୟ ଓ ମ୍ୟୁନିସିପାଲିଟି ନିର୍ବାଚନ ନେଇ ଦଳୀୟ ପ୍ରସ୍ତୁତି ସମ୍ପର୍କରେ ଆଲୋଚନ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

# ବୈତରଣୀ-କୋଚିଲା ଘେରିବନ୍ଧ ନିର୍ମାଣର ଶିଳାନ୍ୟାସ କଲେ ଉଚ୍ଚଶିକ୍ଷା ମନ୍ତ୍ରୀ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବହୁ ପ୍ରତୀକ୍ଷିତ ବୈତରଣୀ–କୋଚିଲା ଘେରିବନ୍ଧ ନିର୍ମାଣର ଶୁଭ ଭୂମିପୂଜନ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇଥିଲେ।ଏକ୍ସ ରେ ପୋଷ୍ଟ କରି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂଚନା ଦେଇ ଲେଖିଛନ୍ତି ବନ୍ୟା ଦାଉରୁ ଧାମନଗରକୁ ସୁରକ୍ଷିତ ରଖିବା ପାଇଁ ଆମର ପ୍ରତିବଦ୍ଧତା ସୋମବାର ଆଉ ଏକ ପାଦ ଆଗକୁ ବଢ଼ିଛି। ବହୁ ପ୍ରତୀକ୍ଷିତ ବୈତରଣୀ–କୋଚିଲା ଘେରିବନ୍ଧ ନିର୍ମାଣ କାର୍ଯ୍ୟର ଶୁଭ ଭୂମିପୂଜନ କାର୍ଯ୍ୟକ୍ରମ ସୋମବାର ସମାପନ ହୋଇଛି। ବୈତରଣୀ ଓ କୋଚିଲା ନଦୀର ପଛୁଆ ପାଣି ଯୋଗୁଁ ହସନାବାଦ, ପଧାନୀ, ଅର୍ଜୁନପୁର ଓ ଗୋପବନ୍ଧୁନଗର ଭଳି ଅଞ୍ଚଳରେ ସୃଷ୍ଟି ହେଉଥିବା ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ ଏହି ପ୍ରକଳ୍ପ ଦ୍ୱାରା ହୋଇପାରିବ। ଆଞ୍ଚଳିକ ବିକାଶ ଓ ଜନସାଧାରଣଙ୍କ ସୁରକ୍ଷା ଆମର ପ୍ରାଥମିକତା।

# ଓଡ଼ିଶୀ ଗବେଷଣା କେନ୍ଦ୍ରରେ ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ଇଂଟର୍ନସିପ୍ ଆଡ଼ଭାନ୍ସ କୋର୍ସରେ ୨୦୨୬-୨୮ ଶିକ୍ଷାବର୍ଷ ପାଇଁ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କର ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଇଂଟର୍ନସିପ୍ ଆଡ଼ଭାନ୍ସ କୋର୍ସରେ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଶୀ ନୃତ୍ୟ, ଓଡ଼ିଶୀ ସଙ୍ଗୀତ, ମର୍ଦ୍ଦଳ ଓ ସୀତାର ବାଦନରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଛାତ୍ରଛାତ୍ରୀମାନଙ୍କୁ ବାର୍ଷିକ ୫,୦୦୦ ଟଙ୍କା ଆର୍ଥିକ ରାଶି ମଧ ପ୍ରଦାନ କରାଯିବ। ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ସୋମବାର ଆୟୋଜିତ ହୋଇଥିବା ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମରେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି, ଗୁରୁ ଶ୍ରୀମତୀ ସିକତା ଦାସ, ଓଡ଼ିଶୀ ସଙ୍ଗୀତ ଗାୟକ ଗୁରୁ ପ୍ରଫେସର ରାମ ହରି ଦାସ, ବିଶିଷ୍ଟ ମର୍ଦ୍ଦଳ ବାଦକ ଡ଼. ଜଗନ୍ନାଥ କୁଅଁର, ଉତ୍କଳ ସଂସ୍କୃତି ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସାଧନା ଓ ଗବେଷଣା ମନୋବୃତି ରଖିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ଗୁରୁମାନେ ଉପଦେଶ ଦେଇଥିଲେ। 'ନିୟମିତ ଅଭ୍ୟାସ ଓ ସାଧନା ହିଁ ସଫଳତାର ଚାବିକାଠି । ଓଡ଼ିଶୀ ଗବେଷଣା କେନ୍ଦ୍ରର ଇଂଟର୍ନସିପ୍ ଆଡ଼ଭାନ୍ସ କୋର୍ସରେ ନାମ ଲେଖାଇଥିବା ସମସ୍ତ ଛାତ୍ରଛାତ୍ରୀ ହେଉଛନ୍ତି ନୃତ୍ୟ ଓ କଳା ଜଗତର ଭବିଷ୍ୟତ। ନିଜର କଳା, କୌଶଳ ଓ ସାଧନା ବଳରେ ଓଡ଼ିଶୀ ସଂସ୍କୃତିକୁ ବିଶ୍ୱ ବିଦିତ କରିବା ଲକ୍ଷ୍ୟ ନେଇ ଛାତ୍ରଛାତ୍ରୀମାନେ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତୁ', ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ଓଡ଼ିଶୀ ସଙ୍ଗୀତ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ସମବେତ କଣ୍ଠ ସଙ୍ଗୀତ ପରିବେଷଣ କରାଯିବ ସହ ମର୍ଦ୍ଦଳ, ବେହେଲା ଓ ବଂଶୀ ବାଦନ କରାଯାଇଥିଲା। ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଶ୍ରୀମତୀ ଶୁଚିସ୍ମିତା ମନ୍ତ୍ରୀ ଆଜିର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଯାଜପୁରରେ ଫୁଡ ପଏଜନିଂ ଘଟଣା : ସ୍ୱତନ୍ତ୍ର ଟିମ୍ ଦ୍ୱାରା ଆକ୍ରାନ୍ତ ମାନଙ୍କ ଚିକିତ୍ସା



**ଭୁବନେଶ୍ୱର,ନ୍ୟୁଜ ବ୍ୟୁରୋ**

ଯାଜପୁର ଜିଲ୍ଲାରେ ଫୁଡ ପଏଜନ ଘଟଣାରେ, ରାଜ୍ୟ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ପରିସ୍ଥିତି ନିୟନ୍ତ୍ରଣ କରିବା ଏବଂ ଚିକିତ୍ସା ସୁନିଶ୍ଚିତ କରିବା ନିମନ୍ତେ ତୁରନ୍ତ ପଦକ୍ଷେପ ନେଇଛନ୍ତି। ବର୍ତ୍ତମାନ ସୁଦ୍ଧା, ମୋଟ ୧୦୨ଜଣ ଆକ୍ରାନ୍ତଙ୍କ ମଧ୍ୟରୁ ୮୩ ଜଣଙ୍କୁ ଚିକିତ୍ସା ପରେ ଡିସଚାର୍ଜ କରାଯାଇଛି ।ଅବଶିଷ୍ଟ ୧୯ ଜଣ ରୋଗୀଙ୍କ ଚିକିତ୍ସା ଚାଲିଛି ସେମାନଙ୍କ ମଧ୍ୟରୁ ୩ ଜଣ ଶିଶୁ ୱାର୍ଡରେ ଏବଂ ୧୬ ଜଣ ବୟସ୍କ ୱାର୍ଡରେ ଆଡମିଟ ଅଛନ୍ତି । ଘଟଣା ଦିନ ସ୍ୱାସ୍ଥ୍ୟମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ , ଯାଜପୁର ଜିଲ୍ଲାପାଳ ଏବଂ ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଜିଲ୍ଲା ମୁଖ୍ୟାଳୟ ଡାକ୍ତରଖାନା ପରିଦର୍ଶନ କରିଥିଲେ। ଚିକିତ୍ସା କରୁଥିବା ଡାକ୍ତର ମାନଙ୍କ ସହ କଥା ହୋଇ ସେ ଆକ୍ରାନ୍ତ ରୋଗୀମାନଙ୍କ ପରିସ୍ଥିତିକୁ ବିସ୍ତୃତ ଭାବରେ ବୁଝିଥିଲେ। ପରେ ସର୍କିଟ୍ ହାଉସରେ ସମାଧାନ ନିମନ୍ତେ ସମସ୍ତ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ଏବଂ ସମସ୍ତଙ୍କୁ ତ୍ୱରିତ ଚିକିତ୍ସା ନିମନ୍ତେ ଆଦେଶ ଦେଇଥିଲେ। ଆକ୍ରାନ୍ତମାନଙ୍କ ଚିକତ୍ସା ନିମନ୍ତେ ଅତ୍ୟାବଶ୍ୟକୀୟ ଔଷଧ, ଓଆରଏସ ଏବଂ ଜରୁରୀକାଳୀନ ଯୋଗାଣର ପର୍ଯ୍ୟାପ୍ତ ପରିମାଣ ସୁନିଶ୍ଚିତ କରାଯାଇଛି। ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ୨୪ ଘଂଟିଆ ରୋଗୀ ତଦାରଖ ଏବଂ ଚିକିତ୍ସା ପ୍ରୋଟୋକଲ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଖାଦ୍ୟ ସୁରକ୍ଷା କର୍ତ୍ତୃପକ୍ଷ ଯାଞ୍ଚ ଅଭିଯାନକୁ ତୀବ୍ର କରିବା ସହ ସଚେତନତା କରାଯାଉଛି। ଆକ୍ରାନ୍ତ ଅଂଚଳରୁ ଜଳ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠା ଯାଇଛି। ସ୍ୱାସ୍ଥ୍ୟ ବିଭାଗ ତରଫରୁ ଘଟଣା ଉପରେ ନଜର ରଖା ଯାଇଛି ।

# ନବୀକୃତ ସମ୍ମିଳନୀ କକ୍ଷର ଶୁଭାରମ୍ଭ କଲେ ରାଜସ୍ୱ ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଦ୍ୱାରା ନବୀକୃତ ସମ୍ମିଳନୀ କକ୍ଷର ନୂତନ ଭାବେ ଶୁଭାରମ୍ଭ ହୋଇଯାଇଛିକ୍ଷ ଏହି ଅବସରରେ ସକାଳୁ ଶୁଭ ବେଳାରେ ପାରମ୍ପରିକ ପୂଜା ଅନୁଷ୍ଠିତ ହେବା ସହ ମହାପ୍ରଭୁଙ୍କ ଆଶୀର୍ବାଦ ସ୍ୱରୂପ ଶ୍ରୀକ୍ଷେତ୍ରରୁ ମହାପ୍ରଭୁଙ୍କ କରପଲ୍ଲବ ଫୁଲ ଆସିଥିଲାକ୍ଷ ସମ୍ମିଳନୀ କକ୍ଷକୁ ଶୁଭାରମ୍ଭ କରି ମାନ୍ୟବର ମନ୍ତ୍ରୀ ଖୁସି ବ୍ୟକ୍ତ କରିବା ସହ ଏହା ରାଜସ୍ୱ ବିଭାଗର ନବକଳେବରର ପ୍ରତୀକ ବୋଲି ମତପ୍ରକାଶ କରିଥିଲେ।

ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ଏହି ନବୀକୃତ ସମ୍ମିଳନୀ କକ୍ଷ ରାଜସ୍ୱ ବିଭାଗର ନୂତନ ସଂସ୍କାରମୂଳକ ପଦକ୍ଷେପମାନଙ୍କୁ ପ୍ରତିଫଳିତ କରୁଥିବା ବେଳେ ବିଭାଗର ସାମର୍ଥ୍ୟ ଏବଂ କାର୍ଯ୍ୟକାରିତା ବୃଦ୍ଧି କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ମତବ୍ୟକ୍ତ କରିଥିଲେ।

ନବୀକୃତ ସମ୍ମିଳନୀ କକ୍ଷରେ ପ୍ରଥମ ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବିଭିନ୍ନ ସଫଳତା, ପାରଦର୍ଶୀ କାର୍ଯ୍ୟକ୍ରମ ଏବଂ ଆଗାମୀ ଦିନମାନଙ୍କରେ ବିଭାଗର କାର୍ଯ୍ୟଧାରା ସମ୍ପର୍କରେ ଏକ ଉପସ୍ଥାପନା ପ୍ରଦର୍ଶିତ ହୋଇଥିଲାକ୍ଷ ମାନ୍ୟବର ମନ୍ତ୍ରୀଙ୍କ ପରାମର୍ଶ ସହ ବିଭାଗର ବିଭିନ୍ନ ପ୍ରସଙ୍ଗରେ ସୁବିସ୍ତୃତ ଆଲୋଚନା ହୋଇଥିଲାକ୍ଷ ଏହି ଅବସରରେ ନବୀକରଣ କାର୍ଯ୍ୟକୁ ସମ୍ପନ୍ନ କରିଥିବା ନିର୍ମାଣ ବିଭାଗର ଅଧିକାରୀଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲାକ୍ଷ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସମସ୍ତ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ରହିଥିଲେ।




24001/54/2627

**ଓଡିଶା ସରକାର**
**ରାୟଗଡ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**
**ଅଧିସୂଚନା**

No-୫୧୨ Date: ୦୬.୦୪.୨୦୨୬

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ରାୟଗଡ ଜିଲ୍ଲାର ଶୀତାରାମପୁର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା–**କେବଡାଡୁଲା**, ତହସିଲ-ମୁନିଗୁଡା, ଥାନା-ଅମ୍ବାଦଳା, ଜିଲ୍ଲା- ରାୟଗଡାରେ ନିମ୍ନ ତଫସିଲ ମତେ ପ୍ରାୟ ରକବା **ଏ.୦.୯୮ଡ଼ି.** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୂନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍ ୨୦୧୩ (RFCTLAR&R Act-2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government)ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୂନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍ ୨୦୧୩ ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନା ଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ରାୟଗଡ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧)ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ :- ଶୀତାରାମପୁର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ
୨) ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ :-ନିର୍ବାହୀ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଗ, ରାୟଗଡ
୩) କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ:-ଏହି ପ୍ରକଳ୍ପ ଦ୍ୱାରା କୌଣସି ଲୋକ ବିସ୍ଥାପିତ ହେବା ଆବଶ୍ୟକ ହେଉନାହିଁ।
୪) ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ:- ଉକ୍ତ ପ୍ରକଳ୍ପ ପାଇଁSIA Study vide No. SIA-୨୩୫/NCDS ତା ୨୯.୦୭.୨୦୨୫ ରିଖ ଦ୍ରଷ୍ଟବ୍ୟ
୫) ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ :-ଉପ ଜିଲ୍ଲାପାଳ, ରାୟଗଡା
୬) ଜମିର ବିବରଣୀ:-

| ଜିଲ୍ଲା | ତହସିଲ | ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ରାୟଗଡ | ମୁନିଗୁଡା | କେବଡାଡୁଲା | ଗ୍ରାମାଞ୍ଚଳ | ଏଥିସହ ସଂଲଗ୍ନ ଅଛି | ଏଥିସହ ସଂଲଗ୍ନ ଅଛି | ଏ.୨.୫୭ ଡ଼ି. | ଏ.୦.୯୮ ଡ଼ି. | ଏଥିସହ ସଂଲଗ୍ନ ଅଛି |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ରାୟଗଡ଼ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦେୟ ସୃଷ୍ଟି ରାୟଗଡ଼ା ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶ କ୍ରମେ
**ଜିଲ୍ଲାପାଳ, ରାୟଗଡ**

**ଭୂମି ଅଧିଗ୍ରହଣ ଅନୁସୂଚୀ**
ମୌଜା-କେବଡାଡୁଲା (ଗ୍ରାମାଞ୍ଚଳ), ତହସିଲ-ମୁନିଗୁଡା, ଥାନା-ଅମ୍ବାଦଳା, ଜିଲ୍ଲା-ରାୟଗଡ
ଶୀତାରାମପୁର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ

| ଖାତା ନଂ. | ସତ୍ତ୍ୱ | କିସମ | ପ୍ଲଟ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | ରୟତଙ୍କ ନାମ ପିତାଙ୍କ ନାମ/ସ୍ୱାମୀଙ୍କ ନାମ |
|---|---|---|---|---|---|---|
| ୦୬ | ରୟତି | ଡଙ୍ଗର ୨ | ୩୩୭ | ୧.୦୬ | ୦.୪୬ | ମେଣ୍ଡା ଡ଼ମ୍ବ ବୁଢ଼ା ପି:ମେଣ୍ଡା ବାଲମୁଣ୍ଡା ଜା: ପାଣ୍ଡୁ ମାଳି ବା: ନିଜଗାଁ |
| ୦୯ | ରୟତି | ଧାନ ୩ ଆଖୁ | ୩୩୮ | ୧.୫୧ | ୦.୫୨ | ବେଣୁଧର ମେଣ୍ଡା, ଦୁର୍ଯ୍ୟ ମେଣ୍ଡା, ଲକ୍ଷ୍ମୀ ଭୋଇ ପି: ଦାମଦର ମେଣ୍ଡା ଜା: ପାଣ୍ଡା ମାଳି ବା: କେବଡ଼ାଡୁଲା, ସୁନ୍ଦରୀ ବାଇଡରିଆ ପି: ଦାମଦର ମେଣ୍ଡା ଜା: ପାଣ୍ଡା ମାଳି ବା: ଭୁରୁଷିଖମାର, ସୁଶାନ ମେଣ୍ଡା, ଗୌରବ ମେଣ୍ଡା, ପ୍ରଶାନ୍ତ ମେଣ୍ଡା ପି: ନିରଞ୍ଜନ ମେଣ୍ଡା, ଧୋବୁନି ମେଣ୍ଡା ସ୍ୱା: ନିରଞ୍ଜନ ମେଣ୍ଡା ଜା: ପାଣ୍ଡା ମାଳି ବା: କେବଡ଼ାଡୁଲା |
| | | | ମୋଟ | ୨.୫୭ | ୦.୯୮ | |

ଭୂ-ଅର୍ଜନ ଅଧିକାରୀ
ମୁନିଗୁଡା, ଜିଲ୍ଲା-ରାୟଗଡ

OIPR-24001/24169/3/26-27/0001

ଭୁବନେଶ୍ୱର, ୫ ମଇ, ମଙ୍ଗଳବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଆସନ୍ତା ୮ରେ ରଥଯାତ୍ରା ପ୍ରଥମ ସମନ୍ୱୟ ବୈଠକ



**ପୁରୀ, ୦୪/୦୫**
**ନ୍ୟୁଜ ବ୍ୟୁରୋ**

ଜୁଲାଇ ୧୬ରେ ମହାପ୍ରଭୁଙ୍କର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା । ଏନେଇ ପୁରୀ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚାଲିଥିବା ବେଳେ ସମସ୍ତ ବିଭାଗ ମଧ୍ୟ ସଜାଗ ରହିଛି। ଏନେଇ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ଆସନ୍ତା ୮ ତାରିଖରେ ରଥଯାତ୍ରା ପ୍ରଥମ ସମନ୍ୱୟ ସମିତି ବୈଠକ ଅନୁଷ୍ଠିତ ହେବ । ପୁରୀ ଟାଉନ୍ ହଲଠାରେ ଆୟୋଜିତ ହେବାକୁ ଥିବା ଏହି ବୈଠକରେ କେନ୍ଦ୍ରାଞ୍ଚଳ ଆରଡିସି ଅଧ୍ୟକ୍ଷତା କରିବେ ।

ବିଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ଦ୍ୱିଗୁଣା ଭକ୍ତଙ୍କ ସମାଗମ ହେବ ବୋଲି ଆକଳନ କରିଛି ପ୍ରଶାସନ । ଏହି ବୈଠକରେ ରଥକାଠ ସଂଗ୍ରହ, ରଥ ନିର୍ମାଣ, ରଥଖଳା ପରିଷ୍କାର, ରଥଯାତ୍ରା ନିମନ୍ତେ ବିଭିନ୍ନ ସାମଗ୍ରୀ ସଂଗ୍ରହ ଓ ଯୋଗାଣ, ରଥ କପଡା ସଂଗ୍ରହ, ନୀତି ସଂପାଦନ, ରଥଟଣା, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ପରିବହନ ବ୍ୟବସ୍ଥା, ରାସ୍ତାଘାଟ ମରାମତି ଓ ଉନ୍ନତୀକରଣ, ପାର୍କିଂ ସ୍ଥଳ, ଶାନ୍ତି ଶୃଙ୍ଖଳା ରକ୍ଷା, ସୂଚନା ଓ ପ୍ରସାରଣ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ, ପଲ୍ଲିଶ୍ରୀ ମେଳା ଓ ପ୍ରଦର୍ଶନୀ ଆୟୋଜନ, ସ୍ୱେଚ୍ଛାସେବୀ ନିୟୋଜନ ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହେବ। ବୈଠକରେ ଜିଲ୍ଲାପାଳ, ଏସ୍‌ପି, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ସେବାୟତ, ପରିଚାଳନା କମିଟି ସଦସ୍ୟ, ବୁଦ୍ଧିଜୀବୀ ଓ ସାମ୍ବାଦିକ ଭାଗ ନେବେ ।

# ରଥଖଳା ହାଲ୍‌ଚାଲ୍ : ବିଲେଇ ବାଡ଼ିଆରେ ଚାଲିଛି ଚକ ପ୍ରସ୍ତୁତ



**ପୁରୀ,୦୪/୦୫**
**ନ୍ୟୁଜ ବ୍ୟୁରୋ**

ନିର୍ମାଣକାରୀଙ୍କ ଟାର୍ଗେଟ ଏବେ ଠାକୁରଙ୍କ ଭଉଁରୀ ଉତ୍ସବ । ସେଦିନ ଚକ ଅଖ ଡେରା (ଚକ ସହ ଅଖ ସଂଯୋଗ) ହେବ । ଏଣୁ ଦୁଇଟି ଅନୁକୂଳ ହୋଇ ସିଙ୍ଗଡ଼ା (୧୬ ଅର ସଂଯୁକ୍ତ ତୁମ୍ବ)ରେ ପହି ସଂଯୋଗ କରାଯାଇଛି । ମୁଖ୍ୟ ବିଶ୍ୱକର୍ମାଙ୍କ ନିର୍ଦ୍ଦେଶରେ ଭୋଇସେବକ ବିଲେଇ ବାଡ଼ିଆ ପଦ୍ଧତିରେ ଚକ ପ୍ରସ୍ତୁତ କରୁଛନ୍ତି । ଯନ୍ତାପଟାରେ ପଡ଼ି ସିଙ୍ଗଡ଼ାକୁ ପହି ପିନ୍ଧାଇ ଖୁସିଅର ଲଗାଯାଉଛି । ପରେ କଳସା କରାଯାଇ ପହିକୁ ଖାପରେ ବାନ୍ଧେଣୀ କରି ଚକ ସମ୍ପୂର୍ଣ୍ଣ ହେବ । ନନ୍ଦିଘୋଷ ରଥର ତିନୋଟି ଚକ ପ୍ରସ୍ତୁତି ଚାଲିଛି ବୋଲି କହିଛନ୍ତି ମହାପ୍ରଭୁଙ୍କ ବାଢ଼ର ବିଶ୍ୱକର୍ମା ସନାତନ ମହାପାତ୍ର । ଏପଟେ ଅଖ ପ୍ରସ୍ତୁତ ପାଇଁ ଭୋଇ ସେବକମାନେ ୪୦ ଫୁଟିଆ କାଠ ନିର୍ମାଣସ୍ଥଳୀରେ ରଖିଛନ୍ତି । ରଥ ଖଳାରେ ପହି ବିନ୍ଧ ଅନୁକୂଳ ପରେ ଚକ ତିଆରି ପାଇଁ ପହି ଲାଗି ଅନୁକୂଳ କରାଗଲା। ଚକ ପ୍ରସ୍ତୁତିର ବିଲେଇ ବାଡ଼ିଆ ଏକ ସ୍ୱତନ୍ତ୍ର କାର୍ଯ୍ୟ। ଚକରେ ଲାଗି ହୋଇଥିବା ପହିର ବାହାର ବିନ୍ଧରେ ଖୁସି ଅର ଲାଗିଲା । ପହି ଓ ଅରକୁ କାମୁଡ଼ି ଧରେ ଖୁସି ଅର । ଗୋଟିଏ ଚକରେ ୪ଟି ପହି ଲାଗିଛି। ସେଥିରେ ଥିବା ୧୬ ବିନ୍ଧରେ ୧୬ଟି ଅର ଭୁଞ୍ଜାଗଲା । ବାହାର ପାର୍ଶ୍ୱରେ ୧୬ଟି ଖୁସି ଅର ଲାଗିଲା । ପରେ କଳସା (ପହି ବାନ୍ଧେଣୀ) କାମ ଆରମ୍ଭ ହେବ । ୪ଟି ପହିର ସଂଯୋଗ ସ୍ଥଳକୁ ମାପ କରି ଦାଗ ଦିଆଯାଇଛି। ପହିର ଉଭୟ ଅଂଶକୁ ଆବଶ୍ୟକତା ଅନୁସାରେ କଟାଯାଇ ଖାପରେ ପକାଇ କଳସା କରାଯିବ। ଯନ୍ତାଗାଡ଼ରେ ପଡ଼ି ସିଙ୍ଗଡ଼ା ପ୍ରସ୍ତୁତି ଜାରି ରହିଛି । ରଥ ଚାଳିରେ ରଥର ଖମ୍ବୀ, ଓରା, କୁତୁକା କାମ ଚାଲିଛି । ଗୁଜ ଓ ଜଳଯନ୍ତ୍ର ହଣା ସରିଛି। ରୂପକାରମାନେ ଗୁଜରେ ସିଂହ ବିରାଳ ଖୋଦେଇ କରୁଛନ୍ତି। ଶାଳରେ ବଳା ଓ ପଦ୍ମାରି କାର୍ଯ୍ୟ ଚାଲିଛି । ବିଶ୍ୱକର୍ମାଙ୍କ ଚାହିଦା ଅନୁସାରେ ଲୁହା ସାମଗ୍ରୀ ଯୋଗାଉଛନ୍ତି ଓଝା ସେବକ। ବିଲେଇ ବାଡ଼ିଆ ହେଉଛି ରଥ ଚକ ନିର୍ମାଣର ପାରମ୍ପରିକ ପ୍ରକ୍ରିୟା । ୩୦ କିଲୋଗ୍ରାମ ଓଜନର ଏକ ଆୟତାକାର କାଠ ଖଣ୍ଡକୁ ଦୁଇ ଖଣ୍ଡ କତା ଦୌଡ଼ିରେ ବାନ୍ଧି ପହିକୁ ମାଡ଼ ଦିଆଯାଏ । ଦୁଇ ଜଣ ଲେଖାଏଁ ଭୋଇ ସେବକ ଦୁଇ ପାର୍ଶ୍ୱରେ ଧରି ଆୟତାକାର କାଠଟିକୁ ଦୂରରୁ ଝୁଲାଇ ପହି ଓ ଖୁସି ଅରକୁ ପିଟି ସାଇଜ୍ କରନ୍ତି। ସବୁଠାରୁ ଅଭିଜ୍ଞ ବିଶ୍ୱକର୍ମା ତୁମ୍ବ ଉପରେ ବସି ନିର୍ଦ୍ଦେଶ ଦେଉଥିଲେ । ହାତରେ ମାପ ବାଡ଼ି ଧରି ଚକର ଚତୁଃପାର୍ଶ୍ୱକୁ କେଉଁଠି କେତେ ମାଡ଼ ପଡ଼ିବ ବୁଝାଉଥିବେ । ବିଶ୍ୱକର୍ମାଙ୍କ ଇସାରାରେ ଭୋଇ ସେବକମାନେ ପହିକୁ ପିଟି ପିଟି ଅର ସହ ସାଇଜ କରି ଲଗାନ୍ତି । ଗୋଟିଏ ଚକ ପାଇଁ ୮ଜଣ ଭୋଇ ସେବକ ଓ ୪ ଜଣ ବିଶ୍ୱକର୍ମା ଏହି କାମ କରନ୍ତି। ଚାରି ଜଣ ଭୋଇ ସେବକ ବିଲେଇ ବାଡ଼ିଆରେ ଓ ଅନ୍ୟ ୪ଜଣ ଚକକୁ ଘୂରାଇ ରଥ ଚକ ପ୍ରସ୍ତୁତ ହୋଇଥାଏ ।

## କିମ୍ସ ଡାକ୍ତରଙ୍କ ସଫଳତା

# ଏକସଙ୍ଗେ ହେଲା ହୃତପିଣ୍ଡର ମହାଧମନୀ ସହ ୩ ଭାଲଭ ଅସ୍ତ୍ରୋପଚାର



**ଭୁବନେଶ୍ୱର, ୪।୫**
**ନ୍ୟୁଜ ବ୍ୟୁରୋ**

କିମ୍ସ ହସ୍ପିଟାଲରେ ଏକ ଜଟିଳ ଓ ବିରଳ ହୃଦରୋଗର ସଫଳ ଅସ୍ତ୍ରୋପଚାର ହୋଇଛି । ଜଣେ ରୋଗୀଙ୍କ ଠାରେ ଥିବା ପାଞ୍ଚ ପାଞ୍ଚଟି ହୃଦ୍‌ରୋଗ ସମସ୍ୟା ଗୋଟିଏ ଥରରେ ସଫଳ ଅସ୍ତ୍ରୋପଚାର କରାଯାଇଛି। ଏହି ଅତ୍ୟନ୍ତ ଜଟିଳ ପ୍ରକ୍ରିୟାରେ ବେଣ୍ଟାଲ୍ ଅସ୍ତ୍ରୋପଚାର, ମିଟ୍ରାଲ୍ ଭାଲଭ୍ ଅସ୍ତ୍ରୋପଚାର, ଟ୍ରାଇକସ୍ପିଡ୍ ଭାଲଭ୍ ଅସ୍ତ୍ରୋପଚାର ଓ ଏଏସ୍‌ଡି କ୍ଲୋଜର ଆଦି ଅନ୍ତର୍ଭୁକ୍ତ ଥିଲା। ଏଭଳି ଅସ୍ତ୍ରୋପଚାର ଓଡ଼ିଶାର ଅନ୍ୟତମ ସଫଳ ହୃଦ୍ ରୋଗ ଅସ୍ତ୍ରୋପଚାର ବୋଲି କୁହାଯାଉଛି । ସୂଚନା ଅନୁସାରେ ଦୀର୍ଘ ଦିନ ଧରି ଗୁରୁତର ହୃଦରୋଗରେ ପୀଡିତ ଥିବା ୩୨ ବର୍ଷୀୟ ଜନୈକ ଯୁବକ ଆବଶ୍ୟକୀୟ ସୁବିଧା ଏବଂ ଆର୍ଥିକ ସଙ୍କଟ ଯୋଗୁଁ ଚିକିତ୍ସା ହୋଇପାରୁନଥିଲେ। କିନ୍ତୁ ଗତ ମାସରେ ତାଙ୍କର ଅବସ୍ଥା ହଠାତ୍ ଖରାପ ହୋଇଯିବାରୁ ସେ ନିଶ୍ୱାସ ପ୍ରଶ୍ୱାସ ପ୍ରକ୍ରିୟାରେ କଷ୍ଟ ଅନୁଭବ କରିବା ସହ ଅତ୍ୟଧିକ ଥକ୍କାପଣରେ ପୀଡିତ ହୋଇପଡ଼ିଥିଲେ। ସେ ବହୁ ଡାକ୍ତରଙ୍କ ସହ ପରାମର୍ଶ କରିଥିଲେ ମଧ୍ୟ ଉପଯୁକ୍ତ ଚିକିତ୍ସା ନପାଇବାରୁ ତାଙ୍କ ଅବସ୍ଥା ଅତ୍ୟନ୍ତ ଜଟିଳ ଏବଂ ବିପଦପୂର୍ଣ୍ଣ ହୋଇପଡ଼ିଥିଲା। ଶେଷରେ ସେ କିମ୍ସ ହୃଦରୋଗ ସର୍ଜନ ଡା. ନିମାଇଁ ଚରଣ ବେହେରାଙ୍କ ସହ ପରାମର୍ଶ କରିଥିଲେ। ବହୁ ପରୀକ୍ଷା ନିରୀକ୍ଷା ପରେ ଯୁବକଙ୍କଠାରେ ମାରଫାନ୍ ସିଣ୍ଡ୍ରୋମ୍ ବ୍ୟତୀତ ସେ ତିନୋଟି ହୃଦରୋଗ ଭାଲଭରେ ଗୁରୁତର ଲିକେଜ୍ ଓ ଏକ ଆଓର୍ଟିକ ରୁଟ୍ ଆନିଉରିଜମ୍ ଭଳି ଅନେକ ଜୀବନ-ବିପର୍ଯ୍ୟୟ ହୃଦରୋଗ ଜଟିଳତାରେ ପୀଡିତ ଥିବା ଡା. ବେହେରା ସୂଚନା ଦେଇଥିଲେ। ଏଭଳି ଜଟିଳ ହୃଦ୍‌ରୋଗ ଜନିତ ସମସ୍ୟା ପାଇଁ ଡା. ବେହେରା ଚ୍ୟାଲେଞ୍ଜପୂର୍ଣ୍ଣ ଅସ୍ତ୍ରୋପଚାର କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଡା. ବେହେରା ଓ ତାଙ୍କ ଡାକ୍ତରୀ ଦଳର ପ୍ରୟାସ କ୍ରମେ ଗୋଟିଏ ଅସ୍ତ୍ରୋପଚାରରେ ସମସ୍ତ ପାଞ୍ଚଟି ସମସ୍ୟାର ସଫଳ ଅସ୍ତ୍ରୋପଚାର ହୋଇଥିଲା। ଏଥିରେ ଡା. ଅଞ୍ଜନ କୁମାର ଦାସ ଆନାସ୍ଥେସିଆ ଏବଂ ପରବର୍ତ୍ତୀ ଅସ୍ତ୍ରୋପଚାର ଓଉଟ ପରିଚାଳନା ଦାୟିତ୍ୱରେ ଥିଲେ।

ପ୍ରାୟ ପାଞ୍ଚ ଘଣ୍ଟା ମଧ୍ୟରେ ଅସ୍ତ୍ରୋପଚାର ସଫଳତାର ସହ ସମାପ୍ତ ହୋଇଥିଲା ଏବଂ ପରଦିନ ରୋଗୀଙ୍କୁ ଭେଣ୍ଟିଲେଟର ସପୋର୍ଟରୁ ମୁକ୍ତ କରାଯାଇଥିଲା। ରୋଗୀ ମାତ୍ର ୬ ଦିନ ମଧ୍ୟରେ ସ୍ଥିର ଅବସ୍ଥାରେ ହସ୍ପିଟାଲରୁ ଡିସଚାର୍ଜ ହୋଇ ଏବେ ସୁସ୍ଥ ଅଛନ୍ତି। ଏହି ସଫଳତାରେ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଏହି ଜଟିଳ ମାମଲାର ସଫଳ ଚିକିତ୍ସା ପାଇଁ ଡାକ୍ତରୀ ଦଳକୁ ଅଭିନନ୍ଦନ ଜଣାଇଛନ୍ତି ଓ ରୋଗୀଙ୍କ ଦୀର୍ଘ ଓ ସୁସ୍ଥ ଜୀବନ କାମନା କରିଛନ୍ତି।

# ଓଡ଼ିଶାର କୋର୍ଟମାନଙ୍କ ଜାମିନ ସର୍ତ୍ତାବଳୀକୁ ସୁପ୍ରିମକୋର୍ଟଙ୍କ କଡ଼ା ଭର୍ତ୍ସନା; କହିଲେ ଏହା 'ହତାଶ, ନିରାଶ'

**ନୂଆଦିଲ୍ଲୀ, ୪/୦୫**



ସୁପ୍ରିମକୋର୍ଟ ସୋମବାର ଓଡ଼ିଶାର କୋର୍ଟମାନଙ୍କ ଦ୍ୱାରା ରଖାଯାଇଥିବା ଜାମିନ ସର୍ତ୍ତାବଳୀକୁ କଡ଼ା ଭର୍ତ୍ସନା କରିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟ ଏହାକୁ ଓଡ଼ିଶା ନ୍ୟାୟପାଳିକାର 'ରିଗ୍ରେସିଭ୍ ମାଇଣ୍ଡସେଟ୍" ଅର୍ଥାତ୍ 'ଅବନତିଶିଳ ମାନସିକତା' ବୋଲି ଦର୍ଶାଇଛନ୍ତି । ଏଥିସହ ସୁପ୍ରିମକୋର୍ଟ ଏହାକୁ 'ହତାଶ, ନିରାଶ' ବୋଲି ବର୍ଣ୍ଣନା କରିଛନ୍ତି । ଓଡ଼ିଶାର କିଛି ଅଭିଯୁକ୍ତ, ବିଶେଷକରି ଦଳିତ ଏବଂ ଆଦିବାସୀଙ୍କୁ ଜାମିନ ପାଇଁ ସର୍ତ୍ତ ଭାବେ ପୋଲିସ ଷ୍ଟେସନ ସଫା କରିବାକୁ ଦେଇଥିବା ନିର୍ଦ୍ଦେଶକୁ କଡ଼ା ସମାଲୋଚନା କରିଛନ୍ତି ସୁପ୍ରିମକୋର୍ଟ। ବିଭିନ୍ନ ସମ୍ବାଦ ରିପୋର୍ଟରେ ଓଡ଼ିଶାର କୋର୍ଟମାନଙ୍କ ଦ୍ୱାରା ଲାଗୁ କରାଯାଇଥିବା ଏହି ଜାମିନ ସର୍ତ୍ତାବଳୀ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ସ୍ୱତଃପ୍ରବୃତ୍ତ ମାମଲାର ଶୁଣାଣି କରି ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟର ଏକ ଖଣ୍ଡପୀଠ ଏହାକୁ 'ଗମ୍ଭୀର ଭାବେ ନିରାଶ ଏବଂ ହତାଶ' ବୋଲି କହିଛନ୍ତି। ଖଣ୍ଡପୀଠ ଓଡ଼ିଶା ନ୍ୟାୟପାଳିକାର 'ଅବନତିଶିଳ ମାନସିକତା' ପ୍ରତି ଦୃଢ଼ ଅସନ୍ତୋଷ ପ୍ରକାଶ କରି କହିଛନ୍ତି ଯେ ଏପରି ସର୍ତ୍ତାବଳୀ ପ୍ରତ୍ୟକ୍ଷ ଭାବେ ମାନବାଧିକାରର ଉଲ୍ଲଂଘନ ଏବଂ ଅଭିଯୁକ୍ତଙ୍କ ମର୍ଯ୍ୟାଦା ଉପରେ ଆଘାତ କରେ। ସୁପ୍ରିମକୋର୍ଟ ଖଣ୍ଡପୀଠ କହିଛନ୍ତି ଯେ, ଏପରି ଆଦେଶ ସୀମାନ୍ତ ସମ୍ପ୍ରଦାୟ ବିରୁଦ୍ଧରେ ଜାତି ପକ୍ଷପାତକୁ ପ୍ରକାଶ କରେ ଏବଂ ଜୋର ଦେଇ କହିଛନ୍ତି ଯେ, କୋର୍ଟମାନେ ଜାତି ପକ୍ଷପାତ ଯୁକ୍ତ ଏବଂ ସାମାଜିକ ଘୃଣା ସୃଷ୍ଟି କରିବା ପରି ସର୍ତ୍ତାବଳୀ ଲାଗୁ କରିବାରୁ ନିବୃତ୍ତ ରହିବା ଉଚିତ । କୋର୍ଟ ଉଲ୍ଲେଖ କରିଛନ୍ତି ଯେ,'ସଠିକ୍ ଲୋକଙ୍କୁ ଜାମିନ ଦେବା ସମୟରେ ଏପରି ସର୍ତ୍ତାବଳୀ ଲଗାଯାଏ ନାହିଁ । ସର୍ତ୍ତାବଳୀର ପ୍ରକୃତି ଏତେ ନିଷ୍ଠୁର ଏବଂ ଘୃଣ୍ୟ ଯେ, ଏହା ଓଡ଼ିଶା ନ୍ୟାୟପାଳିକାକୁ ଜାତିଭିତ୍ତିକ ଭାବେ ପ୍ରଦର୍ଶିତ କରିବାର କ୍ଷମତା ରଖେ। ନ୍ୟାୟପାଳିକା ଏପରି ଅଧିକାରକୁ ସୁରକ୍ଷା ଦେବା ଆଶା କରାଯାଏ । ୭୫ ବର୍ଷର ସାମ୍ବିଧାନିକ ଯାତ୍ରାରେ ନ୍ୟାୟପାଳିକା ନିଶ୍ଚିତ କରିଛି ଯେ, ରାଜ୍ୟର ଶକ୍ତି ଲୋକଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରିପାରିବ ନାହିଁ,' ବୋଲି ବେଞ୍ଚ୍ କହିଛନ୍ତି। ସୁପ୍ରିମ କୋର୍ଟ ଏହା ମଧ୍ୟ କହିଛନ୍ତି ଯେ, ଓଡ଼ିଶା ଅଦାଲତଗୁଡ଼ିକ ଦ୍ୱାରା ଲାଗୁ କରାଯାଇଥିବା ଏପରି ସର୍ତ୍ତାବଳୀ ଅବୈଧ ଏବଂ ଅଭିଯୁକ୍ତମାନଙ୍କୁ ଏପରି ସର୍ତ୍ତାବଳୀକୁ ବିଲୋପ କରିବା ପାଇଁ ହାଇକୋର୍ଟକୁ ଯିବା ପାଇଁ ସ୍ୱାଧୀନତା ଦିଆଯାଇଛି । 'ଆବେଦନକାରୀମାନେ ଓଡ଼ିଶା ହାଇକୋର୍ଟକୁ ତୁରନ୍ତ ଏପରି ସର୍ତ୍ତାବଳୀକୁ ବିଲୋପ କରିବାକୁ ଦିଅନ୍ତୁ ଏବଂ ଏହାକୁ ଅନ୍ୟ କୌଣସି ସମାନ ସର୍ତ୍ତାବଳୀ ସହିତ ବଦଳାନ୍ତୁ ନାହିଁ । ଅଭିଯୁକ୍ତ ଜାମିନରେ ରହିବେ ବୋଲି ଖଣ୍ଡପୀଠ ତାଙ୍କ ଆଦେଶରେ କହିଛନ୍ତି । ଆମର ବିଚାରିତ ମତ ହେଉଛି ଯେ, ଅନ୍ୟ କୌଣସି ରାଜ୍ୟ ନ୍ୟାୟପାଳିକା ଜାତିଗତ ରଙ୍ଗର ଏପରି ସର୍ତ୍ତାବଳୀ ବ୍ୟବହାର କରିବେ ନାହିଁ, ଯାହା ସାମାଜିକ ଘୃଣା ସୃଷ୍ଟି କରିପାରିବ । ତେଣୁ, ଏହି ନିର୍ଦ୍ଦେଶ ଦେଶର ସମସ୍ତ ନ୍ୟାୟିକ ଅଧିକାରୀଙ୍କୁ ଏପରି ସର୍ତ୍ତାବଳୀ ଲାଗୁ ନକରିବା ପାଇଁ ଉପଲବ୍ଧ କରାଯାଉ ବୋଲି ଖଣ୍ଡପୀଠ କହିଛନ୍ତି ।

# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ: କଣାସ ଥାନାର ୩ ଏଏସ୍‌ଆଇଙ୍କ ବଦଳି, ୪ ଗିରଫ

**ପିପିଲି. ୪/୦୫ ନ୍ୟୁଜ ବ୍ୟୁରୋ**

ପୁରୀ ଜିଲ୍ଲା କଣାସ ମାଛ ବଜାରରେ ଯୁବକଙ୍କୁ ଗୋଡାଇ ଗୋଡାଇ ପନିକିରେ ହାଣିବା ଘଟଣା। କଣାସ ଥାନାର ୩ ଏଏସ୍‌ଆଇଙ୍କୁ ପୁରୀ ଏସ୍‌ପି ବଦଳି କରିଛନ୍ତି। କୁମର ବିଶ୍ୱାଳ, ସଞ୍ଜୟ ପାଟ୍ଟଶାଣୀ ଓ ସନ୍ତୋଷ ଉଦୟସିଂହଙ୍କୁ ଅସ୍ତରଙ୍ଗ, କାକଟପୁର ଓ କୃଷ୍ଣପ୍ରସାଦ ଥାନାକୁ ବଦଳି କରାଯାଇଛି। ଏହି ଘଟଣାରେ ୪ ଜଣଙ୍କୁ ଗିରଫ ମଧ୍ୟ କରାଯାଇଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି। ଅଭିଯୁକ୍ତମାନେ ଗୋଡ଼ାଇ ଗୋଡ଼ାଇ ପନିକିରେ ହାଣିବା ପରେ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ କରିଥିଲେ। କଣାସ ଥାନା ଦୋକନ୍ଦା ଗାଁର ମୃତ୍ୟୁଞ୍ଜୟ ଭାରିମଲଙ୍କୁ ଗତ ଶନିବାର ଦିନ ଗୋଲାବଜାର ମାଛ ମାର୍କେଟ ନିକଟରେ କିଛି ଦୁର୍ବୃତ୍ତ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ୩ରୁ ୬ ଜଣ ଦୁର୍ବୃତ୍ତ ଏକ ଧାରୁଆ ପନିକିରେ ମୃତ୍ୟୁଞ୍ଜୟଙ୍କୁ ନିର୍ମମ ଭାବେ ହାଣିବା ପରେ ତାଙ୍କ ଉପରେ ଗାଡ଼ି ଚଢ଼ାଇ ଦେଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ପଡ଼ି ରହିଥିବାବେଳେ ବଜାରରେ ଦୁର୍ବୃତ୍ତମାନେ ଆତଙ୍କ ଖେଳାଇଥିଲେ। ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**
ତାରିଖ :-୦୪/୦୫/୨୦୨୬
୪,୫୮,୩୦୧/- ଟଙ୍କା
ସୁନା:-୦୦ଗ୍ରାମ୍୯୫୦ ମିଲିଗ୍ରାମ
ରୂପା:-୬୨ଗ୍ରାମ୍୯୦୦ ମିଲିଗ୍ରାମ

# ମେ' ୬ରୁ ଆରମ୍ଭ ହେବ ଶିଶୁ ଶ୍ରମିକ ମୁକ୍ତ ଅଭିଯାନ

**ଭୁବନେଶ୍ୱର, ୪।୫**
**ନ୍ୟୁଜ ବ୍ୟୁରୋ**

ଓଡ଼ିଶାରେ ଶିଶୁ ଅଧିକାର ସୁରକ୍ଷାକୁ ଆଉ ମଜବୁତ କରିବା ପାଇଁ ବଡ଼ ପଦକ୍ଷେପ ନିଆଯାଇଛି। ମେ ୬ ତାରିଖରୁ ରାଜ୍ୟରେ ଆରମ୍ଭ ହେବ ଶିଶୁ ଶ୍ରମିକ ମୁକ୍ତ ଅଭିଯାନ। କେନ୍ଦୁଝର ଜିଲ୍ଲାରୁ ଏହି ଅଭିଯାନର ଶୁଭାରମ୍ଭ ହେବ। ଶ୍ରମ ମନ୍ତ୍ରୀଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷ ବବିତା ପାତ୍ର କହିଛନ୍ତି।

ଶିଶୁମାନଙ୍କ ସୁରକ୍ଷା ପାଇଁ ପୂର୍ବରୁ ଜାରି ହୋଇଥିବା ନିର୍ଦ୍ଦେଶନାମାକୁ କଡ଼ାକଡ଼ି ଲାଗୁ କରାଯାଉଛି। ସ୍କୁଲ ଡ୍ରପଆଉଟ ରୋକିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। 'ଚାଲ ଘରକୁ ଯିବା' ଅଭିଯାନ ମାଧ୍ୟମରେ ଯେଉଁ ପିଲାମାନେ ସ୍କୁଲକୁ ଯାଉନାହାନ୍ତି, ସେମାନଙ୍କୁ ପୁଣିଥରେ ଶିକ୍ଷା ପରିସରକୁ ଆଣିବାରେ ଜୋର ଦିଆଯିବ ବୋଲି ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷ ସୂଚନା ଦେଇଛନ୍ତି। ଏହା ସହିତ ଡ୍ରପଆଉଟ, ଶିଶୁ ବିବାହ ଓ ଶିଶୁ ଚାଲାଣକୁ ରୋକିବାକୁ ବିଶେଷ ଅଭିଯାନ ଚାଲିବ।

ଶିଶୁ ଚାଲାଣ ରୋକିବା ପାଇଁ ଟାସ୍କ ଫୋର୍ସ ଗଠନ କରାଯାଇଛି। ରାଜ୍ୟର ବିଭିନ୍ନ ରେଳ ଷ୍ଟେସନରେ ନଜର ରଖାଯାଇଛି ବୋଲି ଆୟୋଗ ସୂଚନା ଦେଇଛି। ଏହାସହ ଅନଲାଇନ ସେଫ୍ଟି ଫର ଚିଲ୍‌ଡ୍ରେନ କାର୍ଯ୍ୟକ୍ରମ ମାଧ୍ୟମରେ ସ୍କୁଲ ସ୍ତରରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ଅଧ୍ୟକ୍ଷ ସୂଚନା ଦେଇଛନ୍ତି।



# ପଳାଶୁଣୀ ଛକରେ ପୁଣି ଗଡ଼ିଲା ମୁଣ୍ଡ

## ବୁଲେଟ୍‌କୁ ପିଟିଲା ଟ୍ରକ୍ : ସ୍ୱାମୀ ଆଗରେ ଆଖିବୁଜିଲା ସ୍ତ୍ରୀ

**ଭୁବନେଶ୍ୱର ୦୪/୦୫ ନ୍ୟୁଜ ବ୍ୟୁରୋ**

ପଳାଶୁଣୀ ଛକରେ ପୁଣି ଗଡ଼ିଲା ମୁଣ୍ଡ। ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଆଖିବୁଜିଲେ ମହିଳା ଆରୋହୀ। ଭୁବନେଶ୍ୱର ପଳାଶୁଣୀ ଷ୍ଟେଟ୍ ବ୍ୟାଙ୍କ୍ ନିକଟରେ ଦୁର୍ଘଟଣା ଘଟିଛି। ବୁଲେଟ୍ ପଛରେ ଧକ୍କା ଦେଇଥିଲା ଟ୍ରକ୍। ଚକା ତଳେ ପଡ଼ି ମହିଳାଙ୍କ ଜୀବନ ଚାଲିଯାଇଛି । ବୁଲେଟ୍‌ରେ ସ୍ୱାମୀ-ସ୍ତ୍ରୀ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ତେବେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଟ୍ରକ୍ ଓ ବୁଲେଟ ଜବତ କରି ତଦନ୍ତ ଆରମ୍ଭ କରିଛି ।

ସୂଚନା ଅନୁଯାୟୀ, ସୋମବାର ସକାଳେ ସ୍ୱାମୀ ସ୍ତ୍ରୀ ଏକ ବୁଲେଟ୍‌ରେ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା। ବୁଲେଟ୍ ପଛରେ ଏକ ଟ୍ରକ୍ ପିଟି ହେବା ଫଳରେ ଚକା ତଳେ ଚାଲିଗଲା ମହିଳାଙ୍କ ଜୀବନ। ମୃତକ ହେଲେ ନମିତା ରାଉଳ। ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣାସ୍ଥଳରେ ଟ୍ରକ୍ ଜଳିବା ପୂର୍ବରୁ ପହଞ୍ଚିଥିଲେ ସ୍ଥାନୀୟ ମଞ୍ଚେଶ୍ୱର ଥାନା ଅଧିକାରୀ। ସ୍ଥାନୀୟ ଲୋକେ, ଟ୍ରାଫିକ ପୁଲିସ ଓ ଥାନା ଅଧିକାରୀ ପହଞ୍ଚି ୨୦ମିନିଟ୍‌ରେ ଟ୍ରାଫିକ୍ କ୍ଲିୟର କରିଥିଲେ। ବୁଲେଟ୍ ଚଳାଉ ଥିବା ସ୍ୱାମୀ ହେମନ୍ତ ରାଉଳ ଏବଂ ଟ୍ରକ୍ ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। କେମିତି ଦୁର୍ଘଟଣା ଘଟିଲା ? ଟ୍ରକ୍ ଡ୍ରାଇଭରଙ୍କ ଭୁଲ୍ ଅଛି ନା ନାହିଁ ? ଭାରସାମ୍ୟ ହରାଇଲେ କି ବୁଲେଟ୍ ଚାଳକ ? ଏସବୁ ଦିଗରେ ମଞ୍ଚେଶ୍ୱର ପୁଲିସ ତଦନ୍ତ ଚଳାଇଛି।




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସୂ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

